# ବିଜେପି ସରକାରରେ ଦୀଘା-ଜଳେଶ୍ୱର ରେଳପଥକୁ ଅଣଦେଖା

**ଭୋଗରାଇ, ୨୧।୫ (ସମିସ) :**

ଦକ୍ଷିଣ-ପୂର୍ବ ରେଳବାଇ ଅଧୀନ ତଥା ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବହୁ ପ୍ରତିକ୍ଷୀତ ଦୀଘା-ଜଳେଶ୍ୱର ରେଳପଥକୁ କେନ୍ଦ୍ର ସରକାରଙ୍କ ଅଣଦେଖା ନେଇ ଏବେ ପ୍ରଶ୍ନ ଉଠିଛି। ଏହି ରେଳପଥର ପଶ୍ଚିମବଙ୍ଗ ପାର୍ଶ୍ୱରେ ଥିବା ୭ କିମି ଜମି ଅଧିଗ୍ରହଣ ସମସ୍ୟାକୁ ନେଇ କେନ୍ଦ୍ର ବିଜେପି ସରକାର ଏହାର ନିର୍ମାଣ ପାଇଁ ଅରାଜି ଥିବା କୁହାଯାଉଛି। ତେବେ ଏହି ପ୍ରକଳ୍ପକୁ ବନ୍ଦ ନ କରି ଏବେ ପଶ୍ଚିମବଙ୍ଗ ସୀମାନ୍ତ ଚନ୍ଦନେଶ୍ୱର ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ୨୦୨୪-୨୫ ଅନ୍ତରୀଣ ବଜେଟରେ ଟୋକନ ଗ୍ରାଣ୍ଟ ଭାବେ ୧ ହଜାର ଟଙ୍କା ବରାଦ କରି ଏହି ରେଳପଥ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ ଦେଇଛନ୍ତି। ଏହାସହିତ ଚନ୍ଦନେଶ୍ୱର ଠାରୁ ଜଳେଶ୍ୱର କିମ୍ବା ଚନ୍ଦନେଶ୍ୱର ଠାରୁ ରୁପ୍ସା ଜଙ୍କସନ ସହିତ ଯୋଡିବା ନିମନ୍ତେ ପ୍ରାଥମିକ ଭାବେ 'ଟେକ୍ନୋ ଇକୋନୋମିକ ଫିଜିବିଲିଟ ସର୍ଭେ' ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଜେପି ପକ୍ଷରୁ ଏହି ରେଳ ପ୍ରକଳ୍ପ ପାଇଁ ୧ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପ୍ରଚାର କରାଯାଉଛି। କେବଳ ନିର୍ବାଚନ ଥିବାରୁ କେନ୍ଦ୍ର ବିଜେପି ସରକାର ଏଭଳି ଏକ ଛଳନାତ୍ମକ ପଦକ୍ଷେପ ନେଇ ପ୍ରଚାର କରୁଥିବା ଚର୍ଚ୍ଚା ହେଉଛି। ବୁଧବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୋଗରାଇକୁ ନିର୍ବାଚନ ପ୍ରଚାରରେ ଆସି କମର୍ଦ୍ଦା ଠାରେ ଜନସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ଥିବାରୁ ବହୁ ପ୍ରତିକ୍ଷିତ ଦୀଘା-ଜଳେଶ୍ୱର ରେଳ ପ୍ରକଳ୍ପର ଭବିଷ୍ୟତ ଏବଂ ଚଳିତ ଅନ୍ତରୀଣ ବଜେଟରେ ଅନୁମୋଦିତ ଅର୍ଥ ସମ୍ପର୍କରେ ସଠିକ ତଥ୍ୟ ଉପସ୍ଥାପନ କରିବାକୁ ଦାବି ହେଉଛି।

ପ୍ରକାଶ ଯେ, ୨୦୧୬ ମସିହା ଠାରୁ ଏହି ପ୍ରସ୍ତାବିତ ରେଳପଥ ପାଇଁ କୌଣସି ଅର୍ଥ ବରାଦ ହୋଇନାହିଁ। ତେବେ ପୂର୍ବରୁ ଜିଲ୍ଲାପାଳ ରହିଥିବା ତଥା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ବହୁ ପ୍ରତିକ୍ଷୀତ ଦୀଘା-ଜଳେଶ୍ୱର ରେଳପଥ ପ୍ରକଳ୍ପର ଭାଗ୍ୟ ଖୋଲିବେ ବୋଲି ଆଶା କରାଯାଇଥିଲା। ବିଭିନ୍ନ ମହଲରୁ ବାରମ୍ବାର ଦାବି ହେବା ଫଳରେ ଏହି ନୂତନ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରାଇବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ୨୦୨୩ ଜୁନ ୨୧ ତାରିଖରେ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଜଳେଶ୍ୱର ଷ୍ଟେସନ ଓ ଭୋଗରାଇ ବ୍ଲକର ବାବା ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସମବେତ ଜନଗଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମସ୍ତ କଳ୍ପନାଜଳ୍ପନାର ଅନ୍ତଃ ଘଟାଇ ଗତ ଫେବୃଆରୀ ୧ ତାରିଖ କେନ୍ଦ୍ର ସରକାରଙ୍କ ଅନ୍ତରୀଣ ବଜେଟରେ ଏହି ବହୁ ପ୍ରତିକ୍ଷୀତ ଦୀଘା-ଜଳେଶ୍ୱର ରେଳପଥ ପାଇଁ ମାତ୍ର ୧ ହଜାର ଟଙ୍କା ବରାଦ ହୋଇଥିଲା। ମାତ୍ର ଛଳନାତ୍ମକ ଭାବେ ବିଜେପି ପକ୍ଷରୁ ଏହି ଅନୁଦାନ ୧ ହଜାର କୋଟି ଟଙ୍କା ବୋଲି ପ୍ରଚାର କରାଗଲା। ବଜେଟ ଗୋଟିଏ କଥା ସ୍ପଷ୍ଟ କରୁଥିଲା ବେଳେ ଅନ୍ୟପଟେ ଏବେ ନିର୍ବାଚନ ସମୟରେ ବିଜେପିର ସେହି ମିଥ୍ୟ ଛଳନାୟକ ପ୍ରଚାର ଚାଲିଥିବା ଦେଖିବାକୁ ମିଳିଛି। ଦୀର୍ଘ ଦଶନ୍ଧିର ଦାବି ଫଳରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଦୀଘା-ଜଳେଶ୍ୱର ରେଳପଥ ପ୍ରକଳ୍ପ ପାଇଁ ୨୦୧୧ ମସିହା କେନ୍ଦ୍ର ୟୁପିଏ ସରକାରଙ୍କ ସମୟରେ ବାଟ ଫିଟିଥିଲା। ସମୁଦାୟ ୪୧ କିଲୋମିଟର ଦୀର୍ଘ ଏହି ପ୍ରସ୍ତାବିତ ବ୍ରଡଗେଜ ରେଳ ପ୍ରକଳ୍ପର ସର୍ଭେ ପାଇଁ ୨୦୧୦-୧୧ ଆର୍ଥିକ ବର୍ଷ ରେଳ ବଜେଟର ପ୍ରଥମ ପର୍ଯ୍ୟାୟରେ ୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ପରବର୍ତ୍ତୀ ୨୦୧୧-୧୨ ଆର୍ଥିକ ବର୍ଷ ରେଳ ବଜେଟରେ ୧ କୋଟି, ୨୦୧୨-୧୩ ରେ ୧.୫ କୋଟି, ୨୦୧୩-୧୪ରେ ୨ କୋଟି, ୨୦୧୪-୧୫ରେ ୫ କୋଟି ଏବଂ ୨୦୧୫-୧୬ରେ ଏହି ରେଳପଥ ପ୍ରକଳ୍ପ ପାଇଁ ମାତ୍ର ୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ପରବର୍ତ୍ତୀ ବଜେଟ ମାନଙ୍କରେ ଆଉ କୌଣସି ବ୍ୟୟ ବରାଦ ହୋଇନାହିଁ। ଏପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ମାତ୍ର ୮.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରେଳବାଇ ବିଭାଗର ସରକାରୀ ତଥ୍ୟରୁ ଜଣାପଡ଼ିଛି।

**ଚଳିତ ବର୍ଷ ବଜେଟରେ ମିଳିଛି ଟୋକନ ଗ୍ରାଣ୍ଟ ୧ ହଜାର ଟଙ୍କା**

**ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରଚାର ହେଉଛି ୧ ହଜାର କୋଟି ଟଙ୍କା**

**ବୁଧବାର ଭୋଗରାଇର କମର୍ଦ୍ଦା ଜନସଭାରେ ଉତ୍ତର ରଖିବେ କି ରେଳମନ୍ତ୍ରୀ**

ସୂଚନାଯୋଗ୍ୟ, ଏହି ପ୍ରସ୍ତାବିତ ରେଳପଥକୁ ୨୦୧୧ରେ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେବା ସଙ୍ଗେ ସଙ୍ଗେ ଦକ୍ଷିଣପୂର୍ବ ରେଳବାଇ ଖଡଗପୁର ଡିଭିଜନର ତତ୍କାଳୀନ ଯନ୍ତ୍ରୀଙ୍କ ସହିତ ୪ ଜଣିଆ ବୈଷୟିକ ଟିମ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ସମୁଦାୟ ୪୧ କିମି ମଧ୍ୟରୁ ପଶ୍ଚିମବଙ୍ଗରେ ୭ କିମି ଓ ଓଡ଼ିଶା ମଧ୍ୟରେ ୩୪ କିମି ରହିଛି। ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ଏହି ରେଳପଥ ପଶ୍ଚିମବଙ୍ଗର ଦୀଘା ଠାରୁ ଆରମ୍ଭ ହୋଇ ଭୋଗରାଇ ବ୍ଲକର ଚନ୍ଦନେଶ୍ୱର, କଖଡା, ଦେହୁର୍ଦ୍ଦା, କମର୍ଦ୍ଦା ହୋଇ ଜଳେଶ୍ୱର ବ୍ଲକର ଲକ୍ଷ୍ମଣନାଥ ରେଳଷ୍ଟେସନ ସହିତ ଯୋଡିବାର ପ୍ରସ୍ତାବ ରହିଥିଲା। ମାତ୍ର ଏହି ପ୍ରସ୍ତାବିତ ରେଳପଥର ସର୍ଭେ ଶେଷ ହେବା ପରେ ଏବଂ ଜମି ଅଧିଗ୍ରହଣ ଆରମ୍ଭ ହେବା ପୂର୍ବରୁ ଏହାର ଗତିପଥ ନକ୍ସାରେ ପରିବର୍ତ୍ତନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ପରିବର୍ତ୍ତିତ ପରିବେଶକୁ ଦୃଷ୍ଟିରେ ରଖି ଏହି ରେଳପଥକୁ ଜଳେଶ୍ୱର ବଦଳରେ ରୁପ୍ସା ଜଙ୍କସନ ସହିତ ସଂଯୋଗ କରିବା ପାଇଁ ବିକଳ୍ପ ପ୍ରସ୍ତାବ ରଖାଯାଇଥିଲା। ଏହା ଦ୍ୱାରା ପଶ୍ଚିମବଙ୍ଗର ଦୀଘା ବେଳାଭୂମି ପର୍ଯ୍ୟଟନ କ୍ଷେତ୍ର ସହିତ ଓଡ଼ିଶାର ଭୋଗରାଇ ବ୍ଲକର ବିଶ୍ୱ ପ୍ରସିଦ୍ଧ ଉଦୟପୁର ଓ ତାଳସାରି ବେଳାଭୂମି, ବିଚିତ୍ରପୁର ଇକୋ ଟୁରିଜିମ ଓ ବାଲିଆପାଳ ବ୍ଲକର ଡଗରା ବେଳାଭୂମି ସମେତ ପ୍ରସ୍ତାବିତ ସୂବର୍ଣ୍ଣରେଖା ବନ୍ଦର, ଭୋଗରାଇ ବ୍ଲକର ବିଶ୍ୱ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ଓ ବାବା ଭୂଷଣ୍ଡେଶ୍ୱର ଶୈବପୀଠ ସହ ଯୋଗାଯୋଗ ସମ୍ଭବ ହୋଇଥାନ୍ତା। ଅନ୍ୟପକ୍ଷରେ ପ୍ରସ୍ତାବିତ ରୁପ୍ସା -ଟାଟା ଭାୟା ବାରିପଦା ରେଳପଥ ସହିତ ସଂଯୋଗ କରାଯାଇ ଦିଲ୍ଲୀ, ମୁମ୍ବାଇକୁ ଗମନାଗମନ ଓ କୃଷିଜାତ ମାଲ ପରିବହନ କାର୍ଯ୍ୟ ସୁଗମ ହୋଇପାରିବ। ଏହାବ୍ୟତୀତ ଦୀଘା-ଜଳେଶ୍ୱର ଭାୟା ତମଲୁକ ରେଳପଥ ଦ୍ୱାରା ପୁରୀ-ହାୱଡା ରେଳପଥର ଦୂରତ୍ୱ ଶହେ କିମି ହ୍ରାସ ପାଇବ। ଏହି ପରିବର୍ତ୍ତିତ ରେଳପଥ ବାସ୍ତବାୟିତ ହେଲେ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ସାମୁହିକ ଭାବେ ଉପକୃତ ହେବା ସହ ଦୁଇ ରାଜ୍ୟର ପର୍ଯ୍ୟଟନ, କୃଷି ଓ ବାଣିଜ୍ୟ କ୍ଷେତ୍ରର ବ୍ୟାପକ ବିକାଶ ହେବ। ଏସବୁ ପ୍ରସ୍ତାବ କାର୍ଯ୍ୟକାରୀ ହେବା ତ ଦୂରର କଥା, କେନ୍ଦ୍ରର ବିଜେପି ସରକାର ଅମଳରେ ଦୀର୍ଘ ବର୍ଷ ଧରି ଏହି ରେଳପଥକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିବାରୁ ଏହାର ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ଅନ୍ୟପକ୍ଷରେ ୨୦୧୬ରୁ ଅଦ୍ୟାବଧି ଓଡ଼ିଶା ରାଜ୍ୟ ସରକାର ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁ ଓ ପିୟୁଷ ଗୋଏଲ, ବର୍ତ୍ତମାନର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ନୂଆଦିଲ୍ଲୀ ସ୍ଥିତ ରେଳ ବିଭାଗ ଅଧକ୍ଷ, ଦକ୍ଷିଣ-ପୂର୍ବ ରେଳ ଡିଭିଜନର ସାଧାରଣ ପରିଚାଳକ, ଭୁବନେଶ୍ୱରସ୍ଥିତ ସିଆରସି ଏବଂ ବିଭାଗୀୟ ସଚିବଙ୍କୁ ବାରମ୍ବାର ପତ୍ର ଲେଖିବା ସହିତ ପ୍ରତ୍ୟକ୍ଷ ଭାବେ ସାକ୍ଷାତ କରି ଏହି ବହୁ ପ୍ରତିକ୍ଷୀତ ରେଳପଥକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ଉପସ୍ଥାପିତ କରିଆସୁଛନ୍ତି। ଏହି ନୂତନ ରେଳପଥ ପାଇଁ ରାଜ୍ୟ ସରକାର ୨୦୧୬-୧୭ ରେ ଚିଠି ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଶହେ କୋଟି ଟଙ୍କା ଦାବି କରିଥିଲେ। ଏହାସହିତ ଭୋଗରାଇ ବିଧାୟକ ଅନନ୍ତ ଦାସ ୨୦୧୮ ମାର୍ଚ୍ଚ ୧୭ ଚିଠି ନଂ ୬୫୨ରେ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖି ଏହି ରେଳପଥ ନିମନ୍ତେ ଅର୍ଥ ମଞ୍ଜୁର କରିବା ପାଇଁ ଦାବି କରିଥିଲେ। ଅନ୍ୟପକ୍ଷରେ ଏହି ରେଳପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କ୍ଷେତ୍ରରେ ସମସ୍ତ ପ୍ରକାର ଉଦ୍ୟମ ନେବା ଓ ସହଯୋଗ କରିବା ପ୍ରତିଶ୍ରୁତି ମଧ୍ୟ ଦେଇଆସୁଛନ୍ତି ରାଜ୍ୟ ସରକାର। କିନ୍ତୁ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁଁ ଉପକୂଳ ଗ୍ରୀନ କରିଡର୍ ରେଳପଥର ଭବିଷ୍ୟତ ଆଜି ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି।

**ବାଲ୍ୟ ବିବାହକୁ ନା, ପାଠ ପଢ଼ିବାକୁ ହଁ**

# ଭୂମିଜ ଜନଜାତି ସମ୍ପ୍ରଦାୟରେ 'ବାଲ୍ୟବିବାହକୁ ନା' ନିଷ୍ପତ୍ତି

**ବାଲେଶ୍ୱର, ୨୧।୫(ସମିସ):** ବାଲେଶ୍ୱରରେ ବହୁ ସଂଖ୍ୟାରେ ବାଲ୍ୟବିବାହ ହୋଇଥାଏ। ତେବେ ଏଦିଗରେ ଅଧିକ ଭାବେ ସଚେତନତା ସୃଷ୍ଟି ପରେ କିଛି ବର୍ଷ ହେବ ରିପୋର୍ଟ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେବେ ବାଲେଶ୍ୱରରେ ବାଲ୍ୟବିବାହକୁ ନିଷେଧ କରିବା ପାଇଁ ପ୍ରଥମେ ଏକ ଆଦିବାସୀ ସମ୍ପ୍ରଦାୟର ନିଷ୍ପତ୍ତି ନେଇ ସୃଜନଶୀଳ ଅଭିବ୍ୟକ୍ତି ଆରମ୍ଭ କରିଥିଲେ। ନୀଳଗିରିର ଭୂମିଜ ସମ୍ପ୍ରଦାୟ ନିଜ ସମ୍ପ୍ରଦାୟରେ ବାଲ୍ୟବିବାହ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ଯେଉଁଥିରେ ଉକ୍ତ ସମ୍ପ୍ରଦାୟର ପୁଅ ଓ ଝିଅ ଚିତ୍ରଶିଳ୍ପୀ କାନ୍ଥରେ ବିଭିନ୍ନ ଚିତ୍ର ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ଯାହା ଅନ୍ୟ ସମ୍ପ୍ରଦାୟ ପାଇଁ ଏକ ପ୍ରେରଣାର ବାର୍ତ୍ତା। ବାଲ୍ୟବିବାହ ବାବଦରେ ସଚେତନତା ସୃଷ୍ଟି ପାଇଁ ବାଲେଶ୍ୱରର ନୀଳଗିରି ଓ ଔପଦାରେ ଆକ୍ସନ ଏଡ୍, ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଏନଜିଓ ବଣଧୂଳିର ଫୁଲର ମିଳିତ ଆନୁକୂଲ୍ୟରେ ଭୂମିଜ ସମ୍ପ୍ରଦାୟରେ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଭୂମିଜ ସମ୍ପ୍ରଦାୟ ବାଲ୍ୟବିବାହ କରିବେ ନାହିଁ ବୋଲି ଶପଥ ନେଇଥିଲେ। ସୂଚନାଯୋଗ୍ୟ, ଭୂମିଜ ଜନଜାତି ସମାଜର କର୍ମକର୍ତ୍ତା ୨୦୨୨ ମସିହା ଅକ୍ଟୋବର ୩୦ ତାରିଖ ବୈଠକରେ ନିଷ୍ପତ୍ତି ଏକ ଘୋଷଣାନାମା କରିଥିଲେ। ଭୂମିଜ ଜନଜାତି ସମାଜର ୧୮ ବର୍ଷରୁ କମ୍ ବୟସର ଝିଅ ଓ ୨୧ ବର୍ଷ ବୟସରୁ କମ ପୁଅଙ୍କୁ ବିବାହ କରାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ବାଲ୍ୟବିବାହ କରାଇବା ଏକ ଦଣ୍ଡନୀୟ ଅପରାଧ। ତେଣୁ ଏହି ସମାଜରେ ବାଲ୍ୟବିବାହ ନିଷେଧ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଶପଥ ନେଇଥିଲେ। ସେହି ପରିପ୍ରେକ୍ଷୀରେ ବିଶେଷକରି ଭୂମିଜ ଜନଜାତି ସମ୍ପ୍ରଦାୟର ସଦସ୍ୟମାନେ ଉଭୟ ଓଡିଆ ଏବଂ ନିଜ ଭାଷାରେ ନୀଳଗିରିର ବିଭିନ୍ନ ଗାଁର ପ୍ରମୁଖ ସ୍ଥାନରେ ବାଲ୍ୟ ବିବାହକୁ ମୁକ୍ତ କରିବ ଚିତ୍ର ପାଇଁ ଚିତ୍ର ମାଧ୍ୟମରେ ବାର୍ତ୍ତା ଲେଖିଛନ୍ତି। ଭୂମିଜ ସମ୍ପ୍ରଦାୟର ଆଦିବାସୀ କିଶୋର କଳାକାର ସେମାନଙ୍କ ଚିତ୍ର ମାଧ୍ୟମରେ ବାଲ୍ୟ ବିବାହ ବିରୁଦ୍ଧରେ ସମାଜ ବିସ୍ତାର କରିବାରେ ସହଯୋଗ କରିଛନ୍ତି। ବାଲ୍ୟ ବିବାହକୁ ଶେଷ କରିବା ପାଇଁ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ସୃଜନଶୀଳ ଅଭିବ୍ୟକ୍ତି କରାଇଛନ୍ତି।"ବିଭିନ୍ନ ଜାତି ସମାଜରେ ଜାତି ନେତା ମାନେ ହେଉଛନ୍ତି ମୁଖ୍ୟ। ଏହି ପାରମ୍ପାରିକ ଜାତି ନେତା, ଆଦିବାସୀ ସମ୍ପ୍ରଦାୟର ନେତାମାନେ ସେମାନଙ୍କ ଗ୍ରାମାଞ୍ଚଳରେ ବାସ କରୁଥିବା ପିତାମାତାଙ୍କ ମଧ୍ୟରେ ବାଲ୍ୟ ବିବାହର ପରିଣାମ ବିଷୟରେ ସଚେତନତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନେବା ପାଇଁ ଜିଲ୍ଲା ପ୍ରଶାସନ ଓ ଆକ୍ସନଏଡ୍, ୟୁନିସେଫ୍ ଓ କିଛି ଆଞ୍ଚଳିକ ଅନୁଷ୍ଠାନ ମାନଙ୍କ ସହଯୋଗରେ ପାରମ୍ପାରିକ ନେତାଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମମାନ କରିଛନ୍ତି। ସେମାନେ ମଧ୍ୟ ପିତାମାତା ଏବଂ ନିଜ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିଛନ୍ତି ଏବଂ ଗ୍ରାମଗୁଡ଼ିକୁ ବାଲ୍ୟ ବିବାହରୁ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ରିପୋର୍ଟ କରୁଛନ୍ତି।ବିଶେଷକରି ବିଭିନ୍ନ ପାରମ୍ପାରିକ ଓ ଜାତି ନେତାଙ୍କ ମଧ୍ୟରେ ଉତ୍ତରଦାୟିତ୍ୱର ବିକାଶ କରିବା ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ। ତେଣୁ ଏହି ପରିପ୍ରେକ୍ଷୀରେରେ ଆଦିବାସୀ ନେତା ତଥା ଜାତି ସଭା ସଦସ୍ୟମାନଙ୍କୁ ସଚେତନ କରାଯାଉଛି ଓ କିଛି ଜାତି ସମାଜ ଘୋଷଣା କରିଛନ୍ତି ଯେ ସେମାନେ ନିଜ ନିଜ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ କରିବେ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। କିଶୋର ବାଳକ ଓ ବାଳିକାମାନଙ୍କୁ ବାଲ୍ୟବିବାହ ତଥା ଏଲୋପମେଣ୍ଟ ଓ୍ୱେଡିଙ୍ଗ/ହେଲ୍ପ ଇନିସିଏଟ୍ ବିବାହରୁ ଦୂରେଇ ରଖିବେ। ଏହି ପ୍ରକ୍ରିୟାରେ ଅନ୍ୟ ଜାତି ସମାଜମାନେ ମଧ୍ୟ ସାମିଲ୍ ହୋଇପାରିବେ। ନିଜ ସମ୍ପ୍ରଦାୟରେ ବାଲ୍ୟବିବାହ ନକରିବା ପାଇଁ ଭୂମିଜ ସମ୍ପ୍ରଦାୟ ଶପଥ ଗ୍ରହଣ କରିଥିଲେ। ଏହାପରେ ଅନେକ ସଚେତନତା ବୃଦ୍ଧି ପାଇଛି। ଲୋକ ମଧ୍ୟ ସଚେତନ ହୋଇଛନ୍ତି। ଲୋକ ବାଲ୍ୟବିବାହକୁ ବିରୋଧ ବି କରୁଛନ୍ତି। କିନ୍ତୁ କିଛି କିଛି ଝିଅ ପୁଅ ଯେତେବେଳେ ପଳେଇକି ବିବାହ କରୁଛନ୍ତି ଏବଂ ଆମେ ସେମାନଙ୍କୁ ଉଦ୍ଧାର କରି ସିଡବ୍ଲୁସିରେ ଦେଉଛୁ। ଏହାପରେ ଆଉ କିଛି ଫଲୋ-ଅପ୍ କରାଯାଉନାହିଁ। ଏଥିପାଇଁ ଜିଲ୍ଲା ପ୍ରଶାସନର ଅଧିକ ସହଯୋଗର ଆବଶ୍ୟକତା ରହିଛି ବୋଲି ବଣଧୂଳିର ଫୁଲର ସମ୍ପାଦକ ବିଜୟ ଆଚାର୍ଯ୍ୟ କହିଛନ୍ତି।



# ଦୁର୍ଘଟଣାରେ ଇସ୍ରୋ ଛାତ୍ରଙ୍କ ମୃତ୍ୟୁ



**ସୋର, ୨୧।୫ (ସମିସ):** ସୋର ପୌରାଞ୍ଚଳ ୧ ନମ୍ବର ୱାର୍ଡ ବାରପଡ଼ା ଗ୍ରାମର ଜଣେ ଛାତ୍ର ଚେନ୍ନାଇର ଇସ୍ରୋରେ ପାଠ ପଢୁଥିବା ବେଳେ ଗତକାଲି ଏକ କାର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକେ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏହି ଗ୍ରାମର ସୁବାସ ଚନ୍ଦ୍ର ଦାସଙ୍କର ଏକମାତ୍ର ପୁତ୍ର ଶ୍ରବଣ କୁମାର ଦାସ(୨୧) ଜଣେ ମେଧାବୀ ଛାତ୍ର ଭାବେ ଇସ୍ରୋ ଦ୍ୱାରା ମନୋନୀତ ହୋଇ ଚେନ୍ନାଇରେ ପଢୁଥିଲେ। ଗତକାଲି ସେ ତାଙ୍କର ୩ ଜଣ ସାଙ୍ଗଙ୍କ ସହିତ ଏକ ବାଇକ୍‌ରେ ଯାଉଥିବାବେଳେ ଏକ କାର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚ ତାଙ୍କ ସହିତ ବାଇକ୍‌ରେ ରହିଥିବା ସାଙ୍ଗମାନଙ୍କୁ ଖୋଜି ପାଇ ନଥିଲେ। ସେମାନେ ଦୁର୍ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବାରୁ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଆଜି ଶ୍ରବଣଙ୍କ ମୃତଦେହ ସୋରରେ ପହଞ୍ଚିବା ପରେ ଗ୍ରାମର ଜଣେ ମେଧାବୀ ଏବଂ ପ୍ରିୟଛାତ୍ର ପାଇଁ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଭାଲୁ ଆକ୍ରମଣରେ ଦୁଇ ଆହତ

**ଠାକୁରମୁଣ୍ଡା, ୨୧।୫(ସମିସ):** ମଙ୍ଗଳବାର ସକାଳେ ଶୌଚ ହେବାକୁ ଗାଁ ନିକଟ ନାଳ କୂଳକୁ ଯାଇଥିବା ସମୟରେ ଭାଲୁ ଆକ୍ରମଣ କରିବାରୁ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ପରିବାର ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଭାଲୁ ଆକ୍ରମଣରେ ଶିକାର ହୋଇଥିବା ଦୁଇ ଜଣ ହେଲେ ଠାକୁରମୁଣ୍ଡା ରେଞ୍ଜ ସାଲାଇବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଡିଦମକ ଗ୍ରାମର ଟଙ୍ଗ ହୋ ଓ କେନ୍ଦୁଜିଆଣୀ ପଞ୍ଚାୟତ ଡୁମୁରଡ଼ିହା ଗ୍ରାମର ମରା ହୋ। ଟଙ୍ଗ ହୋ'ଙ୍କୁ ଘଷିପୁରା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ବିଜେଡି ପ୍ରାର୍ଥୀ ବିଦ୍ୟାସ୍ମିତାଙ୍କ ପ୍ରଚାର କାର୍ଯ୍ୟକ୍ରମ



**ବାଲେଶ୍ୱର, ୨୧।୫(ସମିସ):** ରେମୁଣା ନିର୍ବାଚନମଣ୍ଡଳୀର ବିଜେଡି ଦଳ ପକ୍ଷରୁ ପ୍ରଚାର ଜୋରଦାର ହୋଇଛି। ବିଜେଡିର ପ୍ରାର୍ଥୀ ଆଜି ଅପରାହ୍ନରେ ଦଶ ନମ୍ବର ୱାର୍ଡରେ ଘର ଘର ଯାଇ ମତଦାତା ମାନଙ୍କୁ ଭେଟି ଆଶୀର୍ବାଦ ଲୋଡ଼ିଥିଲେ। ଦଶ ନମ୍ବର ୱାର୍ଡର କାଉନସିଲର ତଥା ଏନଏସି ର ଭାଇସ ଚେୟାରମ୍ୟାନ ଏହେସନ ଖାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଏନଏସିର ସଭାପତି ରାମ ନାରାୟଣ ବେହେରା, ଏନଏସିର ଚେୟାରମ୍ୟାନ ତନୁଜା ଗିରି, କାଉନସିଲର ଲକ୍ଷ୍ମୀକାନ୍ତ ଦାସ ଏବଂ ପୂର୍ବତନ ସରପଞ୍ଚ ଅଜୟ ମହାଳିକଙ୍କ ସମେତ ଦଳୀୟ କର୍ମୀ ଓ ମହିଳା କର୍ମୀମାନେ ମଧ୍ୟ ଲୋକଙ୍କୁ ବିଜେଡି ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ ଓ ସଂସଦୀୟ କ୍ଷେତ୍ର ବିଜେଡି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଶଙ୍ଖ ଚିହ୍ନରେ ଆଗାମୀ ପହିଲାରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ବିଗତ ପାଞ୍ଚ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଉନ୍ନତି ମୂଳକ କାମ କରିଥିବାରୁ ଲୋକେ ପୁଣି ଥରେ ବିଜେଡି ପ୍ରାର୍ଥୀଙ୍କୁ ଆଶୀର୍ବାଦ ଦେବେ ବୋଲି ବିଦ୍ୟାସ୍ମିତା ଆଶା ପ୍ରକାଶ କରିଛନ୍ତି।






# 'ବାଲେଶ୍ୱରରୁ ଏମ୍‌ସର ବଡ଼ ସାଟେଲାଇଟ୍ ସେଣ୍ଟରକୁ ଅନ୍ୟତ୍ର ନେଇଛନ୍ତି ମୋଦି'

ବାଲେଶ୍ୱର, ୨୧।୫ (ସମିସ):




ଯେତେବେଳେ ନିର୍ବାଚନ ଅନୁଷ୍ଠିତ ହୁଏ ବିଭିନ୍ନ ଦଳର ଲୋକ ଆସି ବିକାଶର କଥା ରଖନ୍ତି। ଏପରିକି ସେମାନଙ୍କ ଦଳକୁ କାହିଁକି ଭୋଟ ଦେବେ। ଏମିତି ଗୋଟିଏ ଦଳ ଯେ କି ବିଜେପି ସେ କୁହନ୍ତି କି ୧୦ବର୍ଷ ମଧ୍ୟରେ କ'ଣ କରିଛନ୍ତି। ଏ ନେଇ ଦୁଇଟି କାରଣ ହୋଇପାରେ ଯାହାକି ଗୋଟିଏ ହେଲା କହିବା ପାଇଁ କିଛି ନାହିଁ କିମ୍ବା ସେମାନେ ଯେଉଁ କାର୍ଯ୍ୟ କରିଛନ୍ତି ତାହା ଲୋକମାନଙ୍କ ପାଇଁ ଯଥେଷ୍ଟ ନୁହେଁ ବୋଲି କଂଗ୍ରେସ ଗଣମାଧ୍ୟମ ରାଷ୍ଟ୍ରୀୟ ଅଧ୍ୟକ୍ଷ ପବନ ଖେଡ଼ା ଆଜି ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ, ୨୦୦୯ ରୁ ୨୦୧୪ମଧ୍ୟରେ ଶ୍ରୀକାନ୍ତ ଜେନା ଯାହା କରିଛନ୍ତି ତାକୁ ନେଇ ସେ ସବୁ ବେଳେ ଚର୍ଚ୍ଚାରେ ରହିଛନ୍ତି। ଏପରିକି ତତକାଳୀନ ପ୍ରଧାନମନ୍ତ୍ରୀ ଡ ମନମୋହନ ସିଂ ମଧ୍ୟ ତାରିଫ କରିଛନ୍ତି ବୋଲି କହିଛନ୍ତି। ଏହାଛଡା ସେ କହିଛନ୍ତି ଯେ, ଏବେ ବି କଂଗ୍ରେସକୁ ଭୋଟ ମିଳିବ କିନ୍ତୁ ୧୦ବର୍ଷ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ ଠିକ ନାହିଁ। ଏପରିକି ବାଲେଶ୍ୱରରେ ଯେଉଁ ଏମସର ବଡ ସାଟେଲାଇଟ ସେଂଟର ନିର୍ମାଣ ହେବାକୁ ଥିବା ଥିଲା ତାହା ପ୍ରଧାନମନ୍ତ୍ରୀ ଏଠାରୁ ଅନ୍ୟ ସ୍ଥାନକୁ ନେଇ ଯାଇଛନ୍ତି। ଫଳରେ ବାଲେଶ୍ୱରକୁ କ୍ଷତି ପହଁଚାଇଛନ୍ତି। ଏହାର କାରଣ ହେଉଛି ବିଧାନସଭା ଆସନ ପାଇଁ କାହିଁକି ତାଙ୍କୁ ସିଟ ମିଳିଲା ନାହିଁ ଏ ନେଇ ସେ ବାଲେଶ୍ୱରବାସୀଙ୍କୁ ଦଣ୍ଡ ଦେଇଛନ୍ତି। ଏପରିକି ସେ ବର୍ତ୍ତମାନ ସୁଦ୍ଧା ୧୮ଟି ରାଜ୍ୟ ବୁଲିଛନ୍ତି ଲୋକେ ଗୋଟିଏ କଥା କହୁଛନ୍ତି ଲୋକଙ୍କୁ ରୋଜଗାର ମିଳିପାରୁ ନାହିଁ। ଫଳରେ ଲୋକେ ଦୁଃଖୀ ଥିବା ବେଳେ ଏବେ ପରିବର୍ତ୍ତନ କରିବା ପାଇଁ ନିଷ୍ପତି ନେଇଛନ୍ତି। ଏପରିକି ମୋଦି ସରକାର ଗ୍ୟାସ ସିଲଣ୍ଡର ୪ଶହରୁ ୧୧ଶହ ଟଙ୍କାକୁ ବୃଦ୍ଧି କରିଥିବା ବେଳେ ପେଟ୍ରୋଲ ଦର ୭୦ଟଙ୍କାରୁ ଶହେ ଟଙ୍କା କରିସାରିଛନ୍ତି। ଏପରିକି କୃଷକ, ମହିଳା ବର୍ତ୍ତମାନ ଚିନ୍ତିତ ରହିଛନ୍ତି। ଏପରିକି ୧ଘଣ୍ଟାରେ ୪ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଏହାଛଡା ଗୋଟିଏ ଘଣ୍ଟାରେ ଦେଶରେ ଦୁଇ ଜଣ ଯୁବକ ଆତ୍ମହତ୍ୟା କରୁଛନ୍ତି ଏବଂ ଗୋଟିଏ ଦିନରେ ୩୦ଜଣ କୃଷକ ଆତ୍ମହତ୍ୟା କରୁଛନ୍ତି। ନରେନ୍ଦ୍ର ମୋଦି ହେଉଛନ୍ତି ଜଣେ ଏପରି ରାଜା ଯାହାଙ୍କ ଠାରେ ଲଜ୍ୟା ନଥିବା ବେଳେ ଏବେ ବହୁ ଅହଙ୍କାର ବଢ଼ି ଚାଲିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ପୁରୀ ସାଂସଦ ପ୍ରାର୍ଥୀ ଶ୍ରୀ ଜଗନ୍ନାଥ ହେଉଛନ୍ତି ମୋଦିଙ୍କ ଭକ୍ତ ମନ୍ତବ୍ୟ। ଏହା ଶୁଣିଲାକୁ ଲଜ୍ୟା ଲାଗୁଛି। ଏହାଛଡା ନରେନ୍ଦ୍ର ମୋଦି ଭଗବାନ ଶ୍ରୀ ରାମଙ୍କ ହାତ ଧରି ଆଣୁଛନ୍ତି। ନରେନ୍ଦ ମୋଦି ଏତେ ବଡ ହୋଇଗଲେ ଯେ ଶ୍ରୀ ଜଗନ୍ନାଥ ତାଙ୍କ ଭକ୍ତ ହୋଇଗଲେ। ଏମିତିକା ଅହଙ୍କାର କୌଣସି ରାଜାଙ୍କ ଠାରେ ଦେଖିବାକୁ ମିଳି ନାହିଁ। ୧୭ରାଜ୍ୟ ବୁଲିବା ପରେ ସେ ଜାଣିଛନ୍ତି ଯେ ବିଜେପି ସବୁ ରାଜ୍ୟରେ ହାରିବାକୁ ଯାଉଛି। ରାଜସ୍ଥାନ, ଗୁଜରାଟ, ଉତ୍ତର ପ୍ରଦେଶ ଆଦି ବିଭିନ୍ନ ରାଜ୍ୟରେ ମୋଦି ଏଥର ହାରିବା ନିଶ୍ଚିତ। ଏପରିକି ଓଡ଼ିଶାରେ ମଧ୍ୟ ବିଜେପିର ସାଂସଦ ସିଟ ୮ରୁ କମି ୩ଟି ହେବ। ବାଲେଶ୍ୱରରେ ଏବେ ଭଲ ଦିନ ଆସିବାକୁ ଯାଉଛି। ଏବେ ଶ୍ରୀକାନ୍ତ ଜେନା ବାଲେଶ୍ୱରକୁ ଏକ ନୂଆ ରାସ୍ତାରେ ନେବେ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାହୁଲ ଗାନ୍ଧି ପଦଯାତ୍ରା କରିବା ସମୟରେ ସେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ତାଙ୍କର ସମସ୍ୟା ଜାଣିବାକୁ ପାଇଥିଲେ। ଏ ନେଇ ସେ ଚିନ୍ତା କରିଛନ୍ତି ଯେ, କେନ୍ଦ୍ରରେ ତାଙ୍କ ସରକାର ଆସିଲେ ୧୫ ଅଗଷ୍ଟ ପରେ ୩୦ଲକ୍ଷ ଚାକିରି ସୁଯୋଗ ସୃଷ୍ଟି କରିବେ। ବର୍ତ୍ତମାନ ସ୍ଥିତିରେ ମୋଦି ସରକାରଙ୍କ ସମୟରେ ଯେଉଁ ଦରବୃଦ୍ଧି ଘଟିଛି ସେଥିରୁ ଟିକେ ନିସ୍ତାର ପାଇବା ପାଇଁ ଲକ୍ଷ୍ମୀ ଯୋଜନାରେ ଏକ ଲକ୍ଷ ଟଙ୍କା ପ୍ରତ୍ୟେକ ଗରିବ ମହିଳାଙ୍କ ପରିବାରକୁ ପ୍ରଦାନ କରାଯିବ। କୋଭିଡ ସମୟରେ ଯେଉଁ ୫କିଲୋ ରାସନ ପ୍ରଦାନ କରାଯାଉଥିଲା ଏବେ ତାକୁ ମୋଦି ସରକାର ବନ୍ଦ କରିବାକୁ ଯାଉଛନ୍ତି। କିନ୍ତୁ ଏହି ୫କିଲୋ ପରିବର୍ତ୍ତେ ୧୦କିଲୋ ରାସନ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ମୋଦି ସରକାର ଦେଶରେ ୧୦ବର୍ଷ ମଧ୍ୟରେ ଯେଉଁ ପରିସ୍ଥିତି ସୃଷ୍ଟି କରିଛନ୍ତି ଏହି ୧୦କିଲୋ ରାସନ ସେମାନଙ୍କ ଦୟା କରୁ ନାହିଁ ବୋଲି କହିଛନ୍ତି। ଚାଷୀଙ୍କ ବହୁତ ସମସ୍ୟା ରହିଥିବା ବେଳେ ସେମାନଙ୍କୁ ଧାନର ପ୍ରକୃତ ମୂଲ୍ୟ ମିଳୁ ନାହିଁ ସେଥିପାଇଁ କଂଗ୍ରେସ ଚାଷୀମାନଙ୍କ ମୂଲ୍ୟ ବୃଦ୍ଧି କରିବ। ଏବେ ଦେଶରେ ଗୋଟିଏ ବଡ ସମସ୍ୟା ହେଉଛି ବେରୋଜଗାର। ଚାକିରି ପାଇଁ ଯୁବକମାନେ ପଢୁଛନ୍ତି ହେଲେ ପେପର ଲିକ ହୋଇଯାଉଛି। ବିଶେଷ କରି ଗୁଜରାଟରେ ସବୁ ଠାରୁ ଅଧିକ ପେପର ଲିକ ହେଉଛି ଯେଉଁ ଠାରୁ ନରେନ୍ଦ୍ର ମୋଦି ଆସିଛନ୍ତି। ଗୁଜରାଟରେ ବେଶି ବେରୋଜଗାର ଯୁବକମାନେ ଆତ୍ମହତ୍ୟା କରୁଛନ୍ତି। ସବୁ ଠାରୁ ଖରାପ ସ୍ଥିତି ଗୁଜୁରାଟରେ ରହିଛି। ଏଣୁ ବର୍ତ୍ତମାନ ମୌକା ରହିଛି ଯେଉଁଠାରେ କି କଂଗ୍ରେସ କିମ୍ବା ଇଣ୍ଡିଆ ମେଣ୍ଟକୁ ଭୋଟ ଦିଅନ୍ତୁ। ଯାହାଫଳରେ ବେରୋଜଗାର ଯୁବକମାନେ ଚାକିରି ପାଇବା ସହ ଆମେ ସମସ୍ତେ ଏକ ସମାନର ଜୀବନ ବିତାଇ ପାରିବା ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କଂଗ୍ରେସର ରାଜ୍ୟ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ବାଲେଶ୍ୱର ପର୍ଯ୍ୟବେକ୍ଷକ ଅଭୟ ଛାଜେଡ, ଜିଲ୍ଲା ସଭାପତି ସଞ୍ଜୀବ ଗିରି, ଜିଲ୍ଲା ଗଣମାଧ୍ୟମ ଅଧ୍ୟକ୍ଷ ବିକାଶ କୁମାର ଦାସ, ଏଆଇସିସି ଓଡ଼ିଶା ଗଣମାଧ୍ୟମ ସଂଯୋଜକ ପ୍ରଭାତ କୁମାର, ଏଆଇସିସି ଓଡ଼ିଶା ଗଣମାଧ୍ୟମ ସଂଯୋଜକ ନିତୁ ଚୌଧୁରୀ, ବାଲେଶ୍ୱର କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ସାମାଜିକ ଗଣମାଧ୍ୟମର ଜିଲ୍ଲା ଅଧ୍ୟକ୍ଷ ନବକିଶୋର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ପ୍ରାର୍ଥିପତ୍ର ଖାରଜ ବେନିୟମ: ବସନ୍ତଲତା



ବାଲେଶ୍ୱର, ୨୧।୫(ସମିସ): ଚଳିତ ନିର୍ବାଚନରେ ଲୋକସଭା ପ୍ରାର୍ଥିନୀ ବସନ୍ତଲତା ପଟ୍ଟନାୟକଙ୍କ ପ୍ରାର୍ଥିପତ୍ର ଖାରଜ ହୋଇଛି। ସେ ରାଷ୍ଟ୍ରୀୟ ସମାଜ ଦଳ ପକ୍ଷରୁ ଲୋକସଭା ପ୍ରାର୍ଥିନୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗତ ୧୩ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବା ସମୟରେ ଫର୍ମ ନମ୍ବର ୨୬କୁ ଭଲ ଭାବେ ତଦାରଖ କରିଥିଲେ। ପ୍ରଥମେ ନିର୍ବାଚନ ଅନୁସାରେ ପୂରଣ କରିଥିଲେ। ଯାହା ପ୍ରଥମେ ଗ୍ରହଣୀୟ ହୋଇଥିଲା। କିନ୍ତୁ ଫର୍ମରେ ତୃଟି ଥିବା ଯୋଗୁଁ ପୁନରବାର ଗୋଟିଏ ନୂତନ ଫର୍ମ ଭଲ ଭାବେ ପୂରଣ କରିବା ପାଇଁ କୁହାଯାଇଥିଲା। ଫର୍ମ ୨୬ପୂରଣ କରିବା ସମୟରେ ପ୍ରଥମ ପୃଷ୍ଠାରେ ଦୁଇଟି ଶୂନ୍ୟ ସ୍ଥାନ ରିଟର୍ନିଂ ଅଫିସରଙ୍କ ସମ୍ମୁଖରେ ପୂରଣ କରିବା ପାଇଁ ଲେଖା ହୋଇଥିବାରୁ ସେ ସ୍ଥାନ ଛାଡି ଦେଇଥିଲେ। ୧୪ତାରିଖରେ ପ୍ରାର୍ଥିପତ୍ର ପୁନର୍ବାର ଦାଖଲ କରିଥିଲେ। ରିଟର୍ଣ୍ଣିଂ ଅଫିସରଙ୍କ ସହ କର୍ମୀମାନେ ଏହାକୁ ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। କିନ୍ତୁ ୧୫ତାରିଖରେ ଯାଞ୍ଚ ସମୟରେ ଭୁଲ ଅଛି ବୋଲି ଖାରଜ କରିଦେଇଥିଲେ। ଯାହାକି ଫର୍ମ ୨୬ର ଉକ୍ତ ଦୁଇଟି ଶୂନ୍ୟ ସ୍ଥାନ ପୂରଣ କରିନଥିବା କହି ଖାରଜ କରିଦେଇଛନ୍ତି। ଏପରିକି ୧୪ତାରିଖରେ ନିରୀକ୍ଷଣ ସମୟରେ ଠିକ ଅଛି ବୋଲି କହିବା ସହ ଅନ୍ୟାୟ ଭାବରେ ତାଙ୍କର ପ୍ରାର୍ଥିପତ୍ର ଖାରଜ କରାଯାଇଛି ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ମୋର ପ୍ରାର୍ଥିପତ୍ର ଖାରଜ କରି ମୋ ପ୍ରତି ଯେପରି ଅନ୍ୟାୟ କରାଯାଇଛି ଭବିଷ୍ୟତରେ ଅନ୍ୟ କାହା ପ୍ରତି ଏମତି ନ ହେଉ ବୋଲି ସେ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅନୁରାଧା ବେହେରା, ଗୀତା ରାଓ, ସସ୍ମିତା ବିଶ୍ୱାଳ, ପୁଷ୍ପାଞ୍ଜଳି ପାଢ଼ୀ, ଚାନ୍ଦ୍ରାୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବାଲେଶ୍ୱର ଗସ୍ତ



ବାଲେଶ୍ୱର, ୨୧।୫(ସମିସ): କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜିଠାରୁ ତିନି ଦିନିଆ ବାଲେଶ୍ୱର ଗସ୍ତରେ ଆସିଛନ୍ତି। ଆଜି ସେ ରାଜଧାନୀ ଏକ୍ସପ୍ରେସ ଯୋଗେ ବାଲେଶ୍ୱରରେ ପହଁଚିଛନ୍ତି। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ କେନ୍ଦ୍ରୀୟ ପ୍ରଭାରୀ ମନୋରଞ୍ଜନ ମିଶ୍ର, ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ପ୍ରଭାରୀ ସୁଷମା ରାଣୀ ବିଶ୍ୱାଳ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ସଦର ସଂଯୋଜକ ପର୍ଶୁରାମ ବେହେରା, ମମତା ମହାପାତ୍ର, ବିଜୟ ସାହୁ, ଅଜିତ ପାଢ଼ୀ, ସସ୍ମିତା ଚାନ୍ଦ, ମହୁଆ ପ୍ରଧାନ, ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରାଜେଶ ମହାପାତ୍ର, ନାରାୟଣ ମହନ୍ତ, ସ୍ୱାଧିନ ପଣ୍ଡା, ସୁରଝଙ୍କାର ସେଠୀ, ଶଶିକାନ୍ତ ମିଶ୍ର, ଅରୂପ ଜେନା, ସୁଜିତ ଦେବ, ଅନୀଲ ମହାନ୍ତି, ସୁବୋଧ ଚନ୍ଦ୍ର ପଣ୍ଡା, ବିକାଶ ପାଢ଼ୀ, ସସ୍ମିତା ଦାସ, ପ୍ରଶାନ୍ତି ପାଣ୍ଡା, ସଂଯୁକ୍ତା ମହାପାତ୍ର, ବିପିନ ମାର୍ଣ୍ଡି ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ବିଶେଷ କରି ଏହି ତିନିଦିନିଆ ଗସ୍ତରେ ସେ ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ବିଧାନସଭା ମଣ୍ଡଳୀରେ ନିର୍ବାଚନୀ ପ୍ରଚାର କରିବେ। ଏହି ଅବସରରେ ଗଣମାଧ୍ୟମକୁ କହିଛନ୍ତି ଯେ, ସେ ମୋଦିଙ୍କ ଓଡ଼ିଶା ପାଇଁ ଦେଇଥିବା ଗ୍ୟାରେଣ୍ଟି ବାର୍ତ୍ତା ନେଇ ଆସିଛନ୍ତି। ବିଶେଷ କରି ବାଲେଶ୍ୱର ଷ୍ଟେସନ ଏକ ବିଶ୍ୱସ୍ତରୀୟ ରେଳଷ୍ଟେସନରେ ପରିଣତ ହେବାକୁ ଯାଉଛି। ପରେ ଜିଲ୍ଲା ଯୁବମୋର୍ଚ୍ଚା ନେତୃତ୍ୱରେ ଆୟୋଜିତ ଏକ ଶୋଭାଯାତ୍ରାରେ ଶ୍ରୀ ବୈଷ୍ଣବଙ୍କୁ ନେଇ ଅତିଥି ଗୃହକୁ ନିଆଯାଇଥିଲା।

## ୨୫ନମ୍ବର ଜୋନରେ ବିଜେଡିର ନିର୍ବାଚନୀ ସଭା

# ବିକାଶ ପଥରେ ଆଗଉଛି ନବୀନ ଓଡ଼ିଶା

ବାଲେଶ୍ୱର, ୨୧।୫(ସମିସ): ସଦର ନିର୍ବାଚନ ମଣ୍ଡଳୀର ୨୫ନଂ ଜୋନର ସିନ୍ଧିଆ ଗ୍ରାମପଞ୍ଚାୟତ ହାଟ ପୋଖରୀ ପଡ଼ିଆଠାରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବାଲେଶ୍ୱର ବିଜୁ ଜନତା ଦଳର ସଦର ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ଉପ ନିର୍ବାଚନ ସମୟରେ ନବୀନ ବାବୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ ହେବା ସହ ୧୮ଶହ କୋଟି ଟଙ୍କାର ପ୍ରକଳ୍ପର କାର୍ଯ୍ୟ ସାଢେ ତିନି ବର୍ଷରେ ହୋଇ ପାରିଛି। ଜନତା ଜାଣିଛନ୍ତି କିଏ ଜିତିଲେ ଓଡ଼ିଶାର ବିକାଶ ହେବ। ଏହି ସଭାରେ ସାଂସଦ ପାର୍ଥିନୀ ଡ଼ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ମୁଖ୍ୟମନ୍ତ୍ରୀ ସବୁବେଳେ ନାରୀଙ୍କୁ ସମ୍ମାନ ଦିଅନ୍ତି ସେଥିପାଇଁ ଓଡ଼ିଶାର ନାରୀ ସମାଜ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି କିନ୍ତୁ ଅନ୍ୟ ଦଳ ତାହା କରିବା



ତ ଦୂର କଥା ସେମାନେ କେବଳ ମିଛ ପ୍ରଚାର କରିବା ସହ ଜନତାଙ୍କୁ ବିଭ୍ରାନ୍ତି କରନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୋପିନାଥୁର ସରପଞ୍ଚ କମଲଲୋଚନ ପରିଡ଼ା, ଜିଲ୍ଲାପରିଷଦ ପ୍ରାର୍ଥୀ ସଞ୍ଜୟ ଦାସ, ସିନ୍ଧିଆ ଗ୍ରାମଞ୍ଚାୟତର ବିଡେଡ଼ି ସଭାପତି ପ୍ରସନ୍ନ କୁମାର ଜେନା, ବୁଆଁଳ ପଞ୍ଚାୟତର କାର୍ଯ୍ୟକାରୀ ସଭାପତି ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିବା ବେଳେ ନିଧିପଣ୍ଡା ବାଇପାସରୁ ଏକ ବିଶାଳ ଶୋଭାଯାତ୍ରାରେ ସାଂସଦ ଓ ବିଧାୟକ ପାର୍ଥିଙ୍କୁ ସଭା ସ୍ଥଳରେ ନିଆଯାଇଥିଲା। ଏହି ଅବସରରେ ଅଭିନେତ୍ରୀ ଜିନା, ଭୂମିକା ଏବଂ ଅଭିନେତା ସ୍ୱରାଜ ବାରିକ ପ୍ରମୁଖ ଦଳୀୟ ପାର୍ଥିଙ୍କ ପାଇଁ ପ୍ରଚାର କରିଥିଲେ।

● ଜଉ କଣ୍ଢେଇ ବାହାଘର

# ୨୩ରେ ସୁଲୋଚନା ଓ ଚନ୍ଦ୍ରମଣିର ଲଗ୍ନଧରା

ବାଲେଶ୍ୱର, ୨୧।୫(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜଉ କଣ୍ଢେଇ ବାହାଘର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିପାଇଁ ପୂର୍ବରୁ ଜଉକଣ୍ଢେଇ ଚନ୍ଦ୍ରମଣି ଓ ସୁଲୋଚନାଙ୍କ ଗଢ଼ା କାର୍ଯ୍ୟ ଆଜି ନୀଳଗିରି କୁମ୍ଭକ୍ଷେତ୍ରରେ ଆରମ୍ଭ ହୋଇଥିଲା। ଏବେ ଦୁଇ ଜଣଙ୍କ ଲଗ୍ନଧରା କାର୍ଯ୍ୟକ୍ରମ ଆୟୋଜିତ ହେବ। ଜଉ କଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ଆସନ୍ତା ୨୩ ତାରିଖ ଗୁରୁବାର ଦିନ ସକାଳ ୧୦ ଟାରେ ଲଗ୍ନଧରା ହେବ। ବର ଜଉ କଣ୍ଢେଇ ଚନ୍ଦ୍ରମଣିର ଲଗ୍ନଧରା ମଠସାହି ନଣ୍ଡାଗୋସାଇଁ ମଠରେ କନ୍ୟା ଜଉ କଣ୍ଢେଇ ସୁଲୋଚନା ସହ ବୈଦିକ ରୀତିରେ ଅନୁଷ୍ଠିତ ହେବ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନର ସାଧାରଣ ସଭା

ବାଲେଶ୍ୱର, ୨୧।୫(ସମିସ):



କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁର ଆହ୍ୱାନକ୍ରମେ ଆଜି ଷ୍ଟେସନକ୍ଲବ୍ ସଭାଗୃହରେ ଅନୁଷ୍ଠିତ ସଭାରେ ଆଇଏନ୍‌ଟିୟୁସିର ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ତାଙ୍କ ବକ୍ତବ୍ୟରେ କେନ୍ଦ୍ରର ମୋଦି ସରକାରଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରମିକମାନେ ଦୀର୍ଘବର୍ଷର ସଂଗ୍ରାମ ଫଳରେ ହାସଲ କରିଥିବା ୪୪ଟି ଆଇନକୁ ଏହି ବିଜେପି ସରକାର ମାଲିକ ସପକ୍ଷରେ ପ୍ରଣୟନ ପାଇଁ ଉଦ୍ୟମ କରୁଛନ୍ତି। ଦେଶରେ ଦରଦାମ୍ ବୃଦ୍ଧି, ବେକାରୀ, ଶ୍ରମିକ ଛଟେଇ ପ୍ରଭୃତି ବୃଦ୍ଧି ପାଇ ଚାଲିଛି। ସମ୍ବିଧାନପ୍ରଦତ୍ତ ଅଧିକାରକୁ କେନ୍ଦ୍ରସରକାର ସଂକୁଚିତ କରୁଛନ୍ତି। ଆଗାମୀ ଦିନରେ ଶ୍ରମଜୀବୀ ମେହନତୀ ମଣିଷର ପାଇଁ ଏହି ସରକାର କାରଙ୍କୁ ଗାଦି ଚ୍ୟୁତ କରିବା ଆଜିର ଜାତୀୟ ଆହ୍ୱାନ ବୋଲି ଶ୍ରୀ ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ ଓ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଆଇଟିୟୁସିର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ମାୟାଧର ନାୟକ, ସିଆଇଟିୟୁର ଜିଲ୍ଲା ଆବାହକ ହକ ରାଜକିଶୋର ଲେଙ୍କା ଓ ଅସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଉପସଭାନେତ୍ରୀ ଜ୍ୟୋତ୍ସ୍ନା ସେନାପତି ସେମାନଙ୍କ ବକ୍ତବ୍ୟରେ ଇଣ୍ଡିଆ ମେଣ୍ଟର ବାଲେଶ୍ୱର ସାଂସଦ ପ୍ରାର୍ଥୀ ଓ ଜିଲ୍ଲାର ବିଧାୟକ ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସ ଓ ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ରାଧାକାନ୍ତ ସେଠୀ ସଭାରେ ପହଞ୍ଚି ବାଲେଶ୍ୱରରେ ଏହିଭଳି କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିଥିଲେ। ସଭା ପରିଚାଳନାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ନାଇ, ଭରତ ଚନ୍ଦ୍ର ସେଠୀ, ତପନ ଅଗସ୍ତି, ସନାତନ ଦାସ ଓ ପ୍ରେମରଞ୍ଜନ ପାତ୍ର ସହଯୋଗ ପ୍ରଦାନ କରିଥିଲେ। ଶେଷରେ ଆଇଏନ୍‌ଟିୟୁସିର ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ବହେରା ଧନ୍ୟବାଦ ଦେଇଥିଲେ।

# ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ବାଲେଶ୍ୱର, ୨୧।୫(ସମିସ): ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଜିଲ୍ଲା ଗଣମାଧ୍ୟମ ଯୋଗାଯୋଗ ବିଭାଗ ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯେଭଳି ଭାବେ ଉନ୍ନତି ପଥରେ ଆଗେଇଛି ତାହା ଭାରତ କେବେବି ଭୁଲିବ ନାହିଁ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ରଖିଥିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ଅଭୟ, ଏଆଇସିସି ବାଲେଶ୍ୱର ପର୍ଯ୍ୟବେକ୍ଷିକା ଜ୍ୟୋତ୍ସ୍ନା ସେନାପତି ରାଜ୍ୟ ଉପାଧ୍ୟକ୍ଷା କେକେସି, ଓଡ଼ିଶା, ଗୋପୀନାଥ ପାଢ଼ୀ ଜିଲ୍ଲା କଂଗ୍ରେସ ଉପସଭାପତି ବାଲେଶ୍ୱର, ବାସନ୍ତି ନାୟକ, ପ୍ରତିମା ପଣ୍ଡା, କୁମୁଦୁନି ଦାସ ରେମୁଣା ବ୍ଲକ ମହିଳା କଂଗ୍ରେସ ସଭାପତି, କହ୍ନେଇ ବେହେରା, ସୁବ୍ରତ ରାଉଳ ପ୍ରମୁଖ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୪ ଗୋରୁ ମୃତ ଘଟଣା

# କ୍ଷତିପୂରଣ ମିଳିବା ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ

**ନାମ୍ପୋ, ୨୧।୫(ସମିସ):** ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତ ଆମ୍ବ ପୁଞ୍ଜା ବିଲରେ ବିଦ୍ୟୁତ ସଂସ୍ପର୍ଶରେ ଆସି ୪ଟି ଗାଈ ମୃତ୍ୟୁ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ମୁତାବକ ନାମ୍ପୋ ବିଦ୍ୟୁତ କାର୍ଯ୍ୟାଳୟ ଠାରୁ ମାତ୍ର ୫୦୦ ଶହ ମିଟର ଦୂରରେ ଆମ୍ବ ପୁଞ୍ଜା ବିଲରେ ଥିବା ଦୀନବନ୍ଧୁ ବାରିକଙ୍କ ଉଠା ଜଳସେଚନ ପ୍ରକଳ୍ପ ନିକଟରେ ୧୧ କେଭି କଟା ବିଦ୍ୟୁତ ତାର ଓହଳି ରହିଥିଲା। ତେବେ ସବୁଦିନ ଭଳି ଗତକାଲି ମଧ୍ୟ ଆମ୍ବପୁଞ୍ଜା ଗ୍ରାମର ହରେକୃଷ୍ଣ ପରିଡ଼ାଙ୍କର ଗୋଟିଏ, ସୁକାନ୍ତ ଜେନାଙ୍କର ୨ଗୋଟି ଓ ସୁମନୁ ଜେନାଙ୍କର ଗୋଟିଏ ଗାଈ ବିଲକୁ ଚରିବାକୁ ଯାଇଥିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ। ଗାଈ ଗୁଡିକର ଆନୁମାନିକ ମୂଲ୍ୟ ୩୦ ରୁ ୩୫ ହଜାର ଟଙ୍କା ଲେଖାଏଁ ହେବ ବୋଲି ଗାଈ ମାଲିକ ମାନେ ପ୍ରକାଶ କରିଛନ୍ତି। ତେବେ ବିଦ୍ୟୁତ ବିଭାଗର ଅବହେଳା କାରଣରୁ ଏଭଳି ଅଘଟଣ ଘଟିଛି ବୋଲି କ୍ଷତିଗ୍ରସ୍ତ ଗୋରୁ ମାଲିକ ଓ ଗ୍ରାମବାସୀ ଅଭିଯୋଗ କରିବା ସହିତ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ନାମ୍ପୋ ବିଦ୍ୟୁତ କାର୍ଯ୍ୟାଳୟର ଜୁନିଅର ମ୍ୟାନେଜର ସୁଶାନ୍ତ କୁମାର ପାତ୍ରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଏ ସଂକ୍ରାନ୍ତରେ ତାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ ତାରରେ ବିଦ୍ୟୁତ ସଂଯୋଗ ନଥିଲା। ତେବେ କେହି ଦୁର୍ବୃତ୍ତ ଉକ୍ତ ତାରକୁ କାଟି ନେଇ ଥିବାରୁ ତାର ଢିଲା ହୋଇ ଓହଳି ଅନ୍ୟ ଏକ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଚାର୍ଜ ହୋଇ ଗାଈ ଗୁଡିକର ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥାଇ ପାରେ ବୋଲି ସେ କହିଛନ୍ତି। ତେବେ କ୍ଷତିଗ୍ରସ୍ତ ଗୋରୁ ମାଲିକ ମାନେ କ୍ଷତିପୂରଣ ଦାବିରେ ଅଡି ବସିଥିବା ବେଳେ ନାମ୍ପୋ ଫାଣ୍ଡି ଅଧିକାରୀ ଫକୀର ଚରଣ ପ୍ରଧାନ, ସରପଞ୍ଚ ଲୋପାମୁଦ୍ରା ରାଉଳ, ସମାଜ ସେବୀ ସୁଶୀଲ ପରିଡ଼ା, ଗୋପାଳ କୃଷ୍ଣ ଜେନା, ସୁଧୀର ଜେନା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ଆଲୋଚନା କରି ପ୍ରାଥମିକ ପର୍ଯ୍ୟାୟରେ ଆର୍ଥିକ ସହାୟତା ଦେବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ଟାଟା ପାୱାରର ବିଧି ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ଦିଆଯିବାର ପ୍ରତିଶୃତି ଦେବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

# ମାରପିଟ୍‌ରେ ୫ ଆହତ

**ସୋର, ୨୧।୫(ସମିସ):** ସୋର ବ୍ଲକ ଗୋପୀନାଥପୁର ଗ୍ରାମର ଏକ ପାରିବାରିକ କହଳକୁ କେନ୍ଦ୍ର କରି ମାରପିଟ୍ ହେବା ଫଳରେ ପରିବାରର ୫ ଜଣ ଆହତ ହୋଇଥିବା ଜଣାଯାଇଛି। ଏହି ଗ୍ରାମର ସ୍ୱର୍ଗତ ମଦନ ରାଉତଙ୍କ ମଧ୍ୟମ ପୁଅ ଦୀନବନ୍ଧୁ ରାଉତ ଏବଂ ସାନପୁଅ ଅଖିଳ ରାଉତଙ୍କର ଘର ଜାଗାକୁ ନେଇ ବିବାଦ ଲାଗିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଦୀନବନ୍ଧୁଙ୍କ ପୁଅ ହାପି ଅଖିଳଙ୍କ ସହିତ ମାରପିଟ୍ କରିବା ଫଳରେ ଖବର ପାଇ ଅଖିଳର ସମ୍ପର୍କୀୟ ବଡଳଗଡ଼ିଆରୁ କିଛି ଲୋକ ପହଞ୍ଚ ଦୀନବନ୍ଧୁ ପରିବାର ଲୋକଙ୍କୁ ମାରପିଟ୍ କରିଥିଲେ। ଏଥିରେ ଦୀନବନ୍ଧୁ ଏବଂ ତାଙ୍କ ସ୍ତ୍ରୀ ବିନତି, ପୁଅ ହାପି ଏବଂ ଅଖିଳ ତାଙ୍କ ସ୍ତ୍ରୀ ମିନତି ଆହତ ହୋଇ ସୋର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଏ ସମ୍ପର୍କରେ ସୋର ଥାନାରେ ଉଭୟଙ୍କ ତରଫରୁ ଅଭିଯୋଗ ହୋଇଥିବା ବେଳେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

# ବିଜେପିର ଯୁବ ସମାବେଶ

**ରାଇବଣିଆ, ୨୧।୫(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ଶିଖରପୁର ହାଇସ୍କୁଲ ପଡ଼ିଆ ଠାରେ ଆଜି ଦିନ ୧୦ଘଟିକା ସମୟରେ ଏକ ବିଶାଳ ଯୁବ ସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶରେ ଯୋଗ ଦେଇଛନ୍ତି ଜଣେ ଓଡ଼ିଆ ସିନେ ଅଭିନେତା ତଥା କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି। ତାଙ୍କ ସହିତ ଉପସ୍ଥତ ଥିଲେ ଓଡ଼ିଶା ହାଇକୋର୍ଟର ଓକିଲ ପିତାମ୍ବର ଆଚାର୍ଯ୍ୟ ଓ ଉତ୍ତରପ୍ରଦେଶର ଜଣେ ଜଣାଶୁଣା ଓ ପ୍ରବକ୍ତା ଶ୍ରୀ ପାଣ୍ଡେ ଙ୍କ ସହିତ ଜଳେଶ୍ୱର ବିଜେପିର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ଓ ନିର୍ବାଚନ ମଣ୍ଡଳୀର ସମସ୍ତେ ମଣ୍ଡଳ ସଭାପତି ସହିତ ଯୁବମୋର୍ଚ୍ଚାର ସମସ୍ତ ସଦସ୍ୟ ତତ୍ ସହିତ ମହିଳା ମୋର୍ଚ୍ଚାର ସଦସ୍ୟ। ସହିତ ଜଳେଶ୍ୱର ନିର୍ବାଚନମଣ୍ଡଳୀର ସମସ୍ତ ସରପଞ୍ଚ, ସଦସ୍ୟ ଓ ପଞ୍ଚାୟତ ସ୍ତରୀୟନେତା ମାନଙ୍କ ସହିତ ସମସ୍ତ ବିଜେପି କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ।

# ଲଙ୍ଗଳେଶ୍ୱରରେ ବିଜେଡିର ବିଶାଳ ମିଶ୍ରଣ ପର୍ବ

**ଲଙ୍ଗଳେଶ୍ୱର, ୨୧।୫(ସମିସ):**



କମ୍ପୁଛି ମୈଦାନ, ଜମୁଛି ପ୍ରଚାର। ବସ୍ତା ନିର୍ବାଚନ ମଣ୍ଡଳୀରେ ଉପର ମୁହାଁ ହେବାରେ ଲାଗିଛି ନିର୍ବାଚନ ତାତି। ନିର୍ବାଚନୀ ପ୍ରଚାର ହେଉ କିମ୍ବା ମିଶ୍ରଣ ପର୍ବ ମାଧ୍ୟମରେ ଦଳକୁ ଆହୁରି ସଂଗଠିତ କରିବା କଥା ହେଉ; ନିର୍ବାଚନ ମଣ୍ଡଳୀର ବିଧାୟକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କ ନେତୃତ୍ୱରେ ସବୁଥିରେ ଦଳର ସ୍ଥିତି ଖୁବ୍ ମଜଭୁତ ରହିଛି। ଏହାରି ମଧ୍ୟରେ ମଙ୍ଗଳବାର ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ସୁଶାସନରେ ଅନୁପ୍ରାଣିତ ହୋଇ ବସ୍ତା ବ୍ଲକ ନାଇକୁଡ଼ି ପଞ୍ଚାୟତର ବିଜେପି ଦଳର ମଣ୍ଡଳ ସଭାପତି ତଥା ବିଜେପିର ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦେବବ୍ରତ ନନ୍ଦ ବିଜେପି ଛାଡି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ଏହାସହ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତରୁ ମଧ୍ୟ ଅନ୍ୟ ଦଳର ବହୁ ସକ୍ରିୟ ସଦସ୍ୟ ନିଜ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇ ଦଳକୁ ସଶକ୍ତ ଓ ମଜଭୁତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଆହୁରି ଟାଣ କରିବେ ବୋଲି ମତ ପ୍ରକାଶ କରିଥିଲେ। ବାଲେଶ୍ୱର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡିର ସ୍ଥିତିକୁ ଆହୁରି ମଜଭୁତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତଙ୍କ ପୂର୍ଣ୍ଣ ସହଯୋଗ ଲୋଡିଥିଲେ। ଏହାସହ ଆସନ୍ତା ଜୁନ ୧ ତାରିଖରେ ଦୁଇଥର ଶଙ୍ଖ ଚିହ୍ନରେ ନିଜେ ଭୋଟ ଦେବା ସହ ଅନ୍ୟମାନଙ୍କୁ ଭୋଟ ଦେବାକୁ ଉତ୍ସାହିତ କରାଇବାକୁ ସଭିଙ୍କୁ ଆହ୍ୱାନ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଯୁଗଳ ପାତ୍ର, ପ୍ରଶାନ୍ତ ପଟ୍ଟନାୟକ, ରାଧାକୃଷ୍ଣ ଦାସ, ତ୍ରିଲୋଚନ ସାହୁ, ରବୀନ୍ଦ୍ର ଚାନ୍ଦ, ପୁଲିନ୍ ଜେନା ଓ ରଘୁନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## କୁପାରୀ ଜୋନରେ ବିଜେଡି ପ୍ରାର୍ଥିନୀଙ୍କ ମାରାଥନ ପ୍ରଚାର

# ଯୋଗଦେଲେ ଚଳଚ୍ଚିତ୍ର ଅଭିନେତା, ମିଶିଲେ ଅନ୍ୟ ଦଳର କର୍ମୀ



**ଖଇରା, ୨୧।୫ (ସମିସ):** ସିମୁଳିଆ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଛନ୍ତି ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତା ବବି ମିଶ୍ର। ମଙ୍ଗଳବାର ଖଇରା ବ୍ଲକର ରଟିଣା ସମେତ ବର୍ତ୍ତନା, ବାଉଁଶଗଡିଆ, କଇଥଗଡ଼ିଆ ଠାରେ ବିଶାଳ କର୍ମୀ ସମାବେଶରେ ଯୋଗ ଦେଇ ମହିଳା ପ୍ରାର୍ଥିନୀ ଭାବେ ସୁବାସିନୀ ସାହୁ ଓ ଭଦ୍ରକ ସାଂସଦ ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳଙ୍କୁ ବିପୁଳମାତ୍ରାରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ରଟିଣାଠାରେ ବ୍ରଜ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାର୍ଥିନୀ ସାହୁ ବକ୍ତବ୍ୟରେ ବିଧାୟକ ହେବା ପରେ କୌଣସି ପରିସ୍ଥିତିରେ ଦୁର୍ନୀତିକୁ ପ୍ରଶ୍ରୟ ଦେବେ ନାହିଁ ତତସହିତ ତାଙ୍କର ସମସ୍ତ ସରକାରୀ ପ୍ରାପ୍ୟକୁ ସେ ଗରିବଙ୍କୁ ଦାନ କରିବେ ବୋଲି କହିଥିଲେ। ରାଜ୍ୟ ମାନବସମ୍ବଳ ସଂସ୍କୃତି ବିଭାଗ ସମ୍ପାଦକ ଶଶିକୁମାର ସାହୁ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ରଟିଣା ସରପଞ୍ଚ ବାସନ୍ତି ମହାନ୍ତି, ସମିତିସଭ୍ୟା ଛବିଳତା ମହାପାତ୍ର, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ନିରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାନ୍ତି, ରଘୁନାଥ ପଣ୍ଡା, ସୁଷମା ମହାପାତ୍ର, ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରଟିଣା ପଞ୍ଚାୟତର ବିଶିଷ୍ଟ ଭାଜପା ନେତା ସୁଧାଂଶୁ ଶେଖର ପାଢ଼ୀ ଏବଂ ଅନ୍ୟଦଳର କର୍ମୀ ଭରତ ଚନ୍ଦ୍ର ଦାସ, ଶମ୍ଭୁନାଥ ଦାସ, ବିଚିତ୍ର ଦାସ ପ୍ରମୁଖ ବିଜେଡିର ସଦସ୍ୟତା ଗ୍ରହଣ କରିଥିଲେ।

# ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କୁ ଗୋକର୍ଣ୍ଣିକା ଗଳ୍ପ ସମ୍ମାନ

**ସୋର, ୨୧।୫(ସମିସ):** ଯାଜପୁର ଜିଲା ଜାରକା ଗୋକର୍ଣ୍ଣିକା ସାହିତ୍ୟ ସମାଜର ବୈଶାଖୀ ଉତ୍ସବରେ ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କୁ ଗୋକର୍ଣ୍ଣିକା ଗଳ୍ପ ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଗତ ରବିବାର ଦିନ ଜାରକା ହାଇସ୍କୁଲ ପରିସରରେ ଗୋକର୍ଣ୍ଣିକାର ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଡ. ଗୌତମ ଜେନା, ଯାଜପୁର ଲେଖକ ସମ୍ମେଳନର ସଭାପତି ଡା. ରୁଦ୍ର ନାରାୟଣ ପୃଷ୍ଟି, କବି ଦେବାଶିଷ ଚକ୍ରବର୍ତ୍ତୀ, ମହେଶ୍ୱର ପାଢ଼ୀ, ଡ.ତୁହିନାଂଶୁ ରଥ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ଗଳ୍ପ ପାଇଁ ୬ଟି ଗଳ୍ପ ପୁସ୍ତକ, ୪ ଉପନ୍ୟାସ, ଗୋଟିଏ ଗବେଷଣା ପୁସ୍ତକ ଏବଂ ଫିଚର ପ୍ରବନ୍ଧ ରଚନା କରିଥିବା ଶ୍ରୀ ମହାପାତ୍ର ଚଳିତ ବର୍ଷର ଗଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ କବିତା ପାଇଁ ଯୁବ କବି ଚିତ୍ତରଞ୍ଜନ ନାୟକ ଏବଂ ପ୍ରବନ୍ଧ ପାଇଁ ଡ. ଇନ୍ଦୁପ୍ରଭା ସାମଲଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା।



# ଗୋପୀନାଥପୁରରେ ବିଜେଡିର ରାଲି ଓ ପଥପ୍ରାନ୍ତ ସଭା



**ବାଲେଶ୍ୱର(ଉତ୍ତର), ୨୧।୫(ସମିସ):** ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ରେ ବିଜେଡି ପକ୍ଷରୁ ରାଲି ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର କର୍ମୀଙ୍କ ଗହଣରେ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ ପଞ୍ଚାୟତ ର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସହିତ ସିଧାସଳଖ ଭେଟି ଭୋଟ ଭିକ୍ଷା କରିଥିଲେ। ଦୀର୍ଘ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ମହିଳା, ଯୁବ, କୃଷକ ମାନଙ୍କ ପାଇଁ ବିଭିନ୍ନ କଲ୍ୟାଣ ମୂଳକ ଯୋଜନା କରିବା ସହିତ ବିକାଶ ମୂଳକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ। ତେଣୁ ଷଷ୍ଠ ଥର ପାଇଁ ପୁଣି ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା ଲାଗି ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସେହିପରି ଦୁଆରିପାତର, ନାରାୟଣପୁର ଓ ସିଆଳିଆଠାରେ ଆୟୋଜିତ ପଥପ୍ରାନ୍ତ ସଭା ରେ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସଙ୍କ ସହିତ ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ, ପଞ୍ଚାୟତ ବିଜେଡି ସଭାପତି ରାଜେନ୍ଦ୍ର ଘୋଷ, ସରପଞ୍ଚ ରାଜୀବ କୁମାର ଘୋଷ, ଦୁର୍ଗା ଚରଣ ସାହୁ, ହୀରାଚାନ୍ଦ ଦାସ ଙ୍କ ସହିତ ବିଭିନ୍ନ ୱାର୍ଡର ୱାର୍ଡ ମେମ୍ବର ଏବଂ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ।

# ବିଜେପି ପ୍ରାଥମିକ ସଦସ୍ୟ ପଦରୁ ମୃତ୍ୟୁଞ୍ଜୟ ଜେନାଙ୍କ ଇସ୍ତଫା



**ସୋର, ୨୧।୫(ସମିସ):** ବାଲେଶ୍ୱର ଜିଲା ଜନଜାତି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନା ବିଜେପିର ପ୍ରାଥମିକ ପଦରୁ ଇସ୍ତଫା ଦେଇଛନ୍ତି। ସେ ଏକ ପତ୍ରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ତାଙ୍କର ଇସ୍ତଫା ପତ୍ର ପଠାଇ ଦଳର ଯେଉଁ ଆଦର୍ଶ ମହାନ୍ ଉଦ୍ଦେଶ୍ୟ ନେଇ ଯୋଗଦେଇଥିଲେ ସେଥିରେ କୌଣସି ସଫଳତା ନ ମିଳିବାରୁ ସେ ବାଧ୍ୟ ହୋଇ ତାଙ୍କ ପଦବୀ ଏବଂ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଶ୍ରୀ ଜେନା ୨୦୧୪ ମସିହାରେ ଅଗ୍ନିଶମ ବିଭାଗର ଅଫିସର ପଦବୀ ଛାଡି କଂଗ୍ରେସ ଟିକଟରେ ଲଢ଼ି ପରାଜୟ ହୋଇଥିଲେ। ପରେ ସେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗଦେଇ ଜିଲା ଅନୁସୂଚିତ ଜାତି ସଭାପତି ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ଜେନା ବିଜେଡିରେ ଯୋଗଦେବାର ଚର୍ଚ୍ଚା ହେଉଛି।

# ସମ୍ବିତଙ୍କ ପ୍ରାର୍ଥିପତ୍ର ନାକଚ ପାଇଁ ଖଇରା କଂଗ୍ରେସର ଦାବି




**ଖଇରା, ୨୧।୫ (ସମିସ):** ଓଡିଆଙ୍କର ଆରାଧ୍ୟ, ପରିଚୟ ଓ ଅସ୍ମିତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନିର୍ବାଚନୀ ସଭାରେ ଅପମାନିତ କରିଥିବା ପୁରୀ ଏମପି ପ୍ରାର୍ଥୀ ସମ୍ବିତ ପାତ୍ର ଜଗନ୍ନାଥଙ୍କ ଉପରେ ଟିପ୍ପଣିକୁ ନେଇ ତିବ୍ର ପ୍ରତିକ୍ରିୟା ରଖିଛି ଖଇରା କଂଗ୍ରେସ। ବଣପାରିଆସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କର ପ୍ରାର୍ଥିପତ୍ରକୁ ନାକଚ କରାଯିବାକୁ ସିମୁଳିଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଦାବି କରିଛନ୍ତି। ଉକ୍ତ ସମ୍ମିଳନୀରେ ଜିଲା ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ବରିଷ୍ଠ ନେତ୍ରୀ ମଧୁମିତା ସେଠୀ, ବରିଷ୍ଠ ନେତା ରାମଚନ୍ଦ୍ର ଶତପଥି, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପୁରୀରେ ଆୟୋଜିତ ନିର୍ବାଚନୀ ସଭାରେ ପ୍ରାର୍ଥୀ ଶ୍ରୀ ପାତ୍ର ଜଗନ୍ନାଥ ମୋଦୀଙ୍କ ଭକ୍ତ ବୋଲି କହିବା ପରେ ସାରା ଓଡ଼ିଶାରେ ପ୍ରତିବାଦର ସ୍ୱର ଦେଖାଦେଇଛି।

# ସମ୍ଭାବ୍ୟ ଘୂର୍ଣ୍ଣିଝଡ଼; ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା

**ଚନ୍ଦନେଶ୍ୱର, ୨୧।୫(ସମିସ) :**



ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦକ୍ଷିଣ-ପଶ୍ଚିମ ବଙ୍ଗୋପସଗରରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବା ସହ ଘୂର୍ଣ୍ଣିଝଡର ରୂପ ନେଉଥିବାର ଆଶା କରାଯାଉଛି। ସେଥିପାଇଁ ଜିଲ୍ଲା ଅନ୍ତର୍ଗତ ତାଳସାରି ସମୁଦ୍ର ଉପକୂଳରେ ମତ୍ସ୍ୟ ବିଭାଗ ତରଫରୁ ସମସ୍ତ ମତ୍ସ୍ୟଜୀବୀ, ଡଙ୍ଗା ମାଲିକ ଏବଂ ମତ୍ସ୍ୟଜୀବୀ ସୋସାଇଟି କର୍ମକର୍ତ୍ତା ମାନଙ୍କୁ ଆଜି ମଙ୍ଗଳବାର ସତର୍କ କରାଯାଇଛି। ସମୁଦ୍ରରେ ସୃଷ୍ଟ ଲଘୁଚାପ ଫଳରେ ଆସନ୍ତା ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହିତ ପବନର ବେଗ ଘଣ୍ଟା ପ୍ରତି ୫୦ କି: ମି: ରୁ ୬୦ କି: ମି: ବେଗରେ ବହିବା ସହିତ ସମୁଦ୍ର ସମ୍ପୂର୍ଣ୍ଣ ଅଶାନ୍ତ ରହିବ। ତେଣୁ ଯେଉଁ ମତ୍ସ୍ୟଜୀବୀ ମାନେ ସମୁଦ୍ରକୁ ଯାଇଛନ୍ତି, ୨୨ ତାରିଖ ସନ୍ଧ୍ୟା ସୁଦ୍ଧା କୂଳକୁ ଫେରି ଆସନ୍ତୁ ଏବଂ ୨୩ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ନିଜ ନିଜର ଡଙ୍ଗା, ଜାଲ ତଥା ମାଛଧରା ସମସ୍ତ ଉପକରଣ ନିଜ ନିଜର ସୁରକ୍ଷିତ ସ୍ଥାନରେ ରଖନ୍ତୁ। ନିଜେ ମଧ୍ୟ ସୁରକ୍ଷିତ ରୁହନ୍ତୁ। ଧନ ଓ ଜୀବନର ସୁରକ୍ଷା ନିମନ୍ତେ ଏହା ପାଳନ କରିବା ଅତ୍ୟନ୍ତ ଜରୁରୀ ବୋଲି ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ସମ୍ପ୍ରସାରଣ) ଚନ୍ଦନେଶ୍ୱର, ଅନନ୍ତ ଜେନାଙ୍କ ତରଫରୁ ସୂଚାଇ ଦିଆଯାଇଛି। ଉକ୍ତ ନିୟମକୁ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷ କରି ଏହି ସମୟରେ ସମୁଦ୍ରକୁ ନ ଯିବା ପାଇଁ ମହାଜୀବୀଙ୍କୁ କୁହାଯାଇଛି। ଏହି ଲଘୁଚାପ ଉତ୍ତର-ପୂର୍ବ ଦିଗରେ ଗତି କରି କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଅବସାଦରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଗଭୀର ଅବପାତ ତଥା ବାତ୍ୟର ରୂପ ନେବ ବୋଲି ଆଶା କରାଯାଇଛି। ଏହାକୁ ନେଇ ବିଶ୍ୱର ବିଭିନ୍ନ ପଣିପାଗ ମଡେଲ୍ ଭିନ୍ନ ଭିନ୍ନ ଆକଳନ କରିଛନ୍ତି। ଯଦି ଏହା ଓଡ଼ିଶା ମୁହାଁ ହେବ ତେବେ ବାଲେଶ୍ୱର ଜିଲ୍ଲା ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

# ସୋରରେ ରାଜ୍ୟ ବିଜେପି ପ୍ରଭାରୀ

**ସୋର, ୨୧।୫(ସମିସ):** ସୋର ବିଜେପି ନିର୍ବାଚନ ପରିଚାଳନା ସମ୍ପର୍କରେ ସମୀକ୍ଷା କରିବା ପାଇଁ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର ପହଞ୍ଚିବା ପରେ ତାଙ୍କୁ ଦଳ ତରଫରୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ଏହି ସମୟରେ ସେ ବିଜେପି କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ବିଜେପିର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ନିର୍ବାଚନରେ ସୋରର ବିଭିନ୍ନ ପଞ୍ଚାୟତର ବିଜେପିର ସ୍ଥିତି ସମ୍ପର୍କରେ ଜଣାଇବା ସହିତ ଏଥର ବିଜେପି ସବୁଠାରୁ ଭଲ ପ୍ରଦର୍ଶନ କରିବ ବୋଲି ବିଜେପି ପ୍ରାର୍ଥୀ ବିଧାୟକ ପର୍ଶୁରାମ ଧଡ଼ା ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ବିଜେପି ନେତା ରବୀନ୍ଦ୍ର କୁମାର ଜେନାଙ୍କୁ ନିର୍ବାଚନ ମଣ୍ଡଳୀ ପ୍ରଚାର କମିଟିର ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇଥିବା ବେଳେ ସୋର ବ୍ଲକ, ସୋର ପୌରପରିଷଦ ଏବଂ ବାହାନଗାର ସଦସ୍ୟ ଭାବେ ମନୀଷା ଚିନ୍ମୟୀ ବେହେରା, ବିଶ୍ୱନାଥ ମିଶ୍ର, ରାଜେନ୍ଦ୍ର ନାୟକ, ପୂଜା ତରାଇ, ନିରୋଦପ୍ରଭା ପଣ୍ଡା, ସବିତା ଅଗସ୍ତିଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅବସରରେ ଈଶ୍ୱର ବେହେରାଙ୍କ ସହିତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

ବସ୍ତା ବ୍ଲକ/ରାଜଘାଟ, ୨୧।୫ (ସମିସ) : ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଗୋଡ଼ିଖାଳ ଛକ ନିକଟରେ ଜାତୀୟ ରାଜପଥ ପାର୍ଶ୍ୱ ଡିଭାଇଡର ମଝି ଘାସବୁଦାରୁ ମଙ୍ଗଳବାର ଜନୈକ ଯୁବକଙ୍କ ମୃତ ଦେହ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି । ପ୍ରକାଶ ଯେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଗୋଡ଼ିଖାଳ ଛକର ଜାତୀୟ ରାଜପଥ ଦୁଇ ଡିଭାଇଡର ମଝି ଘାସବୁଦା ମଧ୍ୟରେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଅମର୍ଦ୍ଦାରୋଡ ଫାଣ୍ଡି ପୁଲିସକୁ ଖବର ଦେଇଥିଲେ । ଖବରପାଇ ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ଘଟଣା ସ୍ଥଳରେ ପହଞ୍ଚି ମୃଦେହକୁ ଜବତ କରିବା ସହ ସେହି ସ୍ଥାନରେ ପଡ଼ିଥିବା ଏକ ବ୍ୟାଗ ଓ ତା ଭିତରୁ ଆଧାରକାର୍ଡକୁ ଜବତ କରି ଥିଲେ ।ଉକ୍ତ ଆଧାରକାର୍ଡରୁ ବ୍ୟକ୍ତି ଜଣକ ଆସାମ ପାଣିଖଇତି ତାମୁଲବାରି ଅଞ୍ଚଳର ରାମୁ ଚେତ୍ରି ବୋଲି କୁହା ଯାଉଛି । ଏ ସଂକ୍ରାନ୍ତ ପୁଲିସ ଏକ ମାମଲା ରୁଜୁ କରି ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ତେବେ ରାମୁଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି ।

## ବରହମପୁର ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି, ୨୧।୫(ସମିସ): ଆସନ୍ତା ୨୩ ତାରିଖ ଗୁରୁବାର ଦିନ ସମଗ୍ର ଓଡ଼ିଶାରେ ବୁଦ୍ଧ ପୂର୍ଣ୍ଣିମା ତଥା ଚନ୍ଦନ ପୁର୍ଣିମା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ନୀଳଗିରି ବଣସୀମା କୁହାଯାଉଥିବା ବରହମପୁର ଠାରେ ବହୁ ପୁରାତନ ଚନ୍ଦନ ପୁର୍ଣିମା (ଯାତ୍ରା) ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି କମିଟିର ସଭାପତି ଅବସରପ୍ରାପ୍ତ ପ୍ରଫେସର ତଥା ବରିଷ୍ଠ ସମାଜସେବୀ ରବି ନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ହୋଇ ଯାଇଛି । ଏହି ପର୍ବକୁ ସରସସୁନ୍ଦର କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇ ସିଦ୍ଧାନ୍ତ ନିଆ ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଶଙ୍କର ନାରାୟଣ ସାହୁ, ଆୟୋଜକ ପଦ୍ମନାଭ ବିନ୍ଧାଣି, କୃତିବାସ ବେହେରା, ଶଶଧର ଚୌଧୁରୀ, ରାଜା ବିନ୍ଧାଣି, ସୁଶାନ୍ତ ମହୁରୀଆ, ବସନ୍ତ ସାହୁ, ଚନ୍ଦ୍ରକାନ୍ତ ସାହୁ, ଜ୍ଞାନରଞ୍ଜନ ସାହୁ ଉପସ୍ଥିତ ଥାଇ ସହଯୋଗର ହାତ ବଢ଼ାଇ ଥିଲେ ।

## ସମାଜସେବୀଙ୍କ ସ୍ମୃତିସଭା

ନୀଳଗିରି, ୨୧।୫(ସମିସ): ନୀଳଗିରି ବ୍ଲକ ଜଡିଦା ପଞ୍ଚାୟତ ପୋଡାଶୁଳ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଶଶୀକାନ୍ତ ନାୟକଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବଡ଼ଭାଇ ସୋମନାଥ ନାୟକ, ବିଶ୍ୱନାଥ ନାୟକ, କାଶୀନାଥ ନାୟକ, ଭାତୃଷ୍ପୁତ୍ର ଭବାନୀ ଶଙ୍କର ନାୟକ, ବିଶ୍ୱରଞ୍ଜନ ନାୟକ, ରଶ୍ମିବାଳା ବେହେରା, ବିଜୟିନୀ ସ୍ୱାଇଁ, ଏଲ ଆଇ ସି ଅଧିକାରୀ ବୁଦ୍ଧିରାମ ସିଂ ଓ ଜଗନ୍ନାଥ ସିଂହ, ବାମନ ଚନ୍ଦ୍ର ମହାନ୍ତି, ମାୟାଧର ମହାନ୍ତି, ଆରକେସିଏଟି ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଉପାଲି ଉପମିତା ପ୍ରଧାନ ସ୍ମୃତି ଚାରଣ କରିଥିଲେ । ଜୟପୁର( କୋରାପୁଟ), ଢେଙ୍କାନାଳ, ଭୁବନେଶ୍ୱର, କଟକ, ବାରିପଦା ଓ ବାଲେଶ୍ୱରରୁ ସାଙ୍ଗସାଥି ଉପସ୍ଥିତ ହୋଇ ସମବେଦନା ଜଣାଇଥିଲେ ।

### ବାବା ସିଦ୍ଧେଶ୍ୱର ମହାଦେବଙ୍କ ମହାନୀଳ ପର୍ବ

# ଜଳାଭିଷେକ କଲେ ୭ ଶହରୁ ଅଧିକ କାଉଡ଼ିଆ

ଭୋଗରାଇ/ଚୌକି, ୨୧।୫ (ସମିସ) :



ଭୋଗରାଇ ବ୍ଲକ ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭାବେ ଖ୍ୟାତି ଲାଭ କରିଥିବା ବାବା ସିଦ୍ଧେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ପବିତ୍ର ଚଡକ ପର୍ବ ଅବସରରେ ମହାନୀଳ ପର୍ବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଚଡ଼କ ପର୍ବରେ ମହାନୀଳ ପର୍ବ ହେଉଛି ଏହି ପୀଠର ମୁଖ୍ୟ ଆକର୍ଷଣ । ପ୍ରତିବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ପର୍ବ ପାଳନ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା । ଅପରାହ୍ନ ୫ଟା ରେ ଓଡ଼ିଶା କୋଷ୍ଟ କେନାଲର ଦେଉଳା ଘାଟରୁ ୭ ଶହରୁ ଅଧିକ କାଉଡ଼ିଆ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ପାଣି କଳସୀ ଭାର ନେଇ ୭ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଖାଲି ପାଦରେ ଚାଲି ଚାଲି ଏହି ପବିତ୍ର ପୀଠରେ ପହଞ୍ଚିଥିଲେ । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବକ ଯୁବତୀ, ବହୁ ବୟସ୍କ ମହିଳା ଓ ପୁରୁଷ କାଉଡ଼ିଆ ଏହି କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମନ୍ଦିରରେ ସନ୍ଧ୍ୟା ନୀତିକାନ୍ତି ଶେଷ ହେବା ପରେ କାଉଡ଼ିଆ ମାନେ ଭକ୍ତି ସହକାରେ ନିଜ ନିଜ ମନସ୍କାମନା ପୂରଣ ପାଇଁ ବାବାଙ୍କୁ ଜଳାଭିଷେକ କରିଥିଲେ । ପରେ ପାଟଭକ୍ତଙ୍କ ନିର୍ଦ୍ଦେଶରେ ଶ୍ରୀବେକିଡି ଓ ଦେଉଳିଆଙ୍କ ସମେତ ସମସ୍ତ ଉପବୀତଧାରୀ ଭକ୍ତ ନୀଳ ପୋଖରୀରୁ ଥମ୍ବି କାଠ ଉତ୍ତୋଳନ କରି ମନ୍ଦିର ପରିସରରେ ରଖି ପୂଜାର୍ଚ୍ଚନା କରିଥିଲେ । ସରପଞ୍ଚ ମମତା ସାହୁ, ସଦସ୍ୟ ଲକ୍ଷ୍ମୀକାନ୍ତ ସାହୁ, ସମାଜସେବୀ ବଂଶୀଧର ସାହୁଙ୍କ ସହିତ ବାବା ସିଦ୍ଧେଶ୍ୱର କ୍ଲବ ଓ କାଳୀମାତା ଯୁବକ ସଂଘର ସଦସ୍ୟ ମାନେ ଏହି କାଉଡ଼ିଆ ଶୋଭାଯାତ୍ରାକୁ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

## ବସ୍ତାରେ ଜମୁଛି ନିର୍ବାଚନୀ ପ୍ରଚାର

● ପଛରେ ପଡ଼ିଛି ବିଜେପି

ବସ୍ତା ବ୍ଲକ, ୨୧।୫ (ସମିସ) : ବାଲେଶ୍ୱର ଜିଲ୍ଲା ରେ ଜୁନ ୧ ରେ ହେବାକୁ ଯାଉଛି ସଧାରଣ ନିର୍ବାଚନ । ଶେଷ ପର୍ଯ୍ୟାୟ ଏହି ନିର୍ବାଚନ ହେବ । ନିର୍ବାଚନକୁ ମାତ୍ର ୧୦ ଦିନ ବାକି ଅଛି । ଯେତେ ସମୟ ପାଖେଇ ଆସୁଛି ସମସ୍ତ ରାଜନୈତିକ ଦଳ ଭୋଟର ଙ୍କୁ ଆପଣାଇବା ପାଇଁ ଜୋରଦାର ପ୍ରଚାର ସହ ଦଳୀୟ ବୈଠକ କରୁଛନ୍ତି । ଏହି କ୍ରମ ରେ ଦେଖିବାକୁ ଗଲେ ବସ୍ତା ନିର୍ବାଚନ ମଣ୍ଡଳୀ ରେ ନିର୍ବାଚନୀ ପ୍ରଚାର ଆରମ୍ଭ ହୋଇଛି । ବସ୍ତା ଓ ବାଲିଆପାଳ ବ୍ଲକକୁ ନେଇ ଗଠିତ ବସ୍ତା ନିର୍ବାଚନ ମଣ୍ଡଳୀ ରେ ବିଜେଡ଼ି ଓ କଂଗ୍ରେସ ପ୍ରଚାର ଜୋରଦାର କରିଥିବା ବେଳେ ବ୍ୟାକ ଫୁଟରେ ବିଜେପି ଥିବା ଚର୍ଚ୍ଚା ହେଉଛି । ବିଜେଡି ପ୍ରାର୍ଥୀ ସୁବାସିନୀ ଜେନା ବସ୍ତାର ୧୭ ଟି ପଞ୍ଚାୟତରେ କର୍ମୀ ବୈଠକ ସହ ମାରାଥନ ପ୍ରଚାର କରୁଥିବା ବେଳେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ରଣନୀତି ରେ ଘନ ଘନ ବୈଠକ ଓ ମିଶ୍ରଣ ପର୍ବ ବସ୍ତା ବିଜେଡିକୁ ଅଧିକ ଶକ୍ତିଶାଳୀ କରୁଛି । ସେହିପରି ବସ୍ତା ରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ କର୍ମୀ ବୈଠକରେ ବିଧାୟକ ପ୍ରାର୍ଥୀ ସୁବାସିନୀ ଜେନା, ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର, ଚଳଚ୍ଚିତ୍ର ଅଭିନେତ୍ରୀ ତଥା ବିଜେଡିର ଷ୍ଟାର୍ ପ୍ରଚାରକ ଜିନା ଯୋଗ ଦେଇ କର୍ମୀ ମାନଙ୍କୁ ବିଜୟ ମନ୍ତ୍ର ଫୁଙ୍କି ଥିଲେ । ସେହିପରି କଂଗ୍ରେସ ର ବିଜନ ନାୟକ ଓ କଂଗ୍ରେସ ସାଂସଦ ପ୍ରାର୍ଥୀ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ବସ୍ତା ବଜାରରେ ବିରାଟ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ କରିବା ସହ ବସ୍ତା ପ୍ରେସ କ୍ଲବ ସମ୍ମୁଖ ପଡ଼ିଆ ରେ ବିରାଟ କର୍ମୀ ସମ୍ମିଳନୀ କରିଥିଲେ । ଅନ୍ୟପକ୍ଷେ ବସ୍ତାରେ ବିଜେଡି କଂଗ୍ରେସ ପ୍ରଚାର ଜୋରଦାର କରୁଥିବା ବେଳେ ବିଜେପି ପଛରେ ପଡ଼ି ଯାଇଥିବା ଲୋକେ ଚର୍ଚ୍ଚା କରୁଛନ୍ତି । ନିର୍ବାଚନ କୁ ଆଉ କିଛି ଦିନ ଥିବା ବେଳେ ଏଯାଏ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆଙ୍କ ପ୍ରଚାରରେ ଶିଥିଳତା ଧୀରେ ଧୀରେ ବିଜେପି ଉପରୁ ଭୋଟର ନଜର ହଟାଇ ନେଉଥିବା ଏବେଠାରୁ ଚର୍ଚ୍ଚା ହେଲାଣି ।

## ମଥାନୀ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ବସ୍ତା, ୨୧।୫(ସମିସ) : ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଥାନୀ ପଞ୍ଚାୟତରେ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଜି ଦିନ ୧୨ଟା ସମୟରେ ବିଜୁ ଜନତାଦଳର ପକ୍ଷରୁ ବିଧାୟକା ପ୍ରାର୍ଥୀନୀ ସୁବାସିନୀ ଜେନାଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କର୍ମୀମାନେ ପାଛୋଟି ନେଇଥିଲେ । ଏଥିସହିତ ମଥାନୀ ପଞ୍ଚାୟତ ସାନଖୁଡ଼ି ଗ୍ରାମର ପ୍ରଫୁଲ୍ଲ କୁମାର ଗିରିଙ୍କ ବାସଭବନରେ ଆୟୋଜିତ ସାଧାରଣ ସଭାରେ ଉଭୟ ପ୍ରାର୍ଥୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ଆସନ୍ତା ସାଧାରଣ ନିର୍ବାଚନ ରେ ଉଭୟ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନ ରେ ଭୋଟ ଦେବାକୁ ନିବେଦନ କରିଥିଲେ । ଏଥିସହିତ ୨୦୨୪ରେ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ । ବିଧାୟକ ଭାବେ ସୁବାସିନୀ ଜେନା ଓ ସାଂସଦ ଭାବରେ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଜିତେଇବାକୁ ନିବେଦନ କରିବା ସହିତ କର୍ମୀ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟକୁ ବ୍ୟାଖ୍ୟା କରିବା ସହ କର୍ମୀ ମାନଙ୍କ ଭିତରେ ମତଭେଦକୁ ଦୂରୀଭୂତ କରି ଆଗାମୀ ନିର୍ବାଚନରେ ଦଳ କିଭଳି ବାଜିମାତ କରିବ ସେ ନେଇ ରଣନୀତି ପ୍ରସ୍ତୁତ କରିବାକୁ କର୍ମୀଙ୍କୁ ଉପଦେଶ ଦେଇଥିଲେ । ଏଥିରେ ପଞ୍ଚାୟତ ସଭାପତି ଦେବେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଜିଲ୍ଲା ପରିଷଦ ସଦସ୍ୟା ଦେବୀକା ସୋରେନଙ୍କ ସହ ବହୁ କର୍ମୀ ଏବଂ ଅନେକ ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ ।

## ବିଜେପିର ମହିଳା ଓ ଯୁବ ସମାବେଶ

ଭୋଗରାଇ, ୨୧।୫ (ସମିସ) : ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀର କେନ୍ଦ୍ରସ୍ଥଳ ଥାନାଛକ ଠାରେ ମଙ୍ଗଳବାର ଅପରାହ୍ନରେ ବିଜେପି ପକ୍ଷରୁ ମହିଳା ଓ ଯୁବ ସମାବେଶ ଅନୁଷ୍ଠିତ ହୋଇଛି । ଏଥିରେ ଚଳଚ୍ଚିତ୍ର ଅଭିନେତା ତଥା କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ଯୋଗଦେଇଥିଲେ । ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତିଙ୍କ ପୌରୋହିତ୍ୟରେ ଅନ୍ୟତମ ଅତିଥି ଭାବେ ବିଜେପି ରାଜ୍ୟ ଆଇନ ସହାୟତା ସେଲ ମୁଖ୍ୟ ତଥା ହାଇକୋର୍ଟ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶ ମନ୍ତ୍ରୀ କମଳ ପଟେଲ, ଭୋଗରାଇ ବିଧାନସଭା କ୍ଷେତ୍ର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନରେନ୍ଦ୍ର ବାବୁ ପ୍ରମୁଖଙ୍କ ସହିତ ଭୋଗରାଇର ବିଜେପି ଯୁବନେତା ମାନସ ରଞ୍ଜନ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜିବ ସାହୁ, ପୂର୍ବତନ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ କୁମାର କର, ପୂର୍ବତନ ମଣ୍ଡଳ ସଭାପତି ଅମଳେନ୍ଦୁ ଶେଖର ଦାସ, ରାଧାଗୋବିନ୍ଦ ପାତ୍ର ଓ ରବୀନ୍ଦ୍ର ଜେନା, ମଣ୍ଡଳ ସଭାପତି ଗୋପାଳକୃଷ୍ଣ ପଣ୍ଡା, ପୂର୍ବତନ ସରପଞ୍ଚ ତଥା ମଣ୍ଡଳ ସଭାପତି ହରିହର ତ୍ରିପାଠୀ ଓ ବ୍ରଜକିଶୋର ମହାନ୍ତି, ମଣ୍ଡଳ ସଭାପତି ପରମାନନ୍ଦ ପରିଡ଼ା ଓ ରୂପକ କୁମାର ଜେନା, ବିଧାନସଭା ସଂଯୋଜକ କ୍ୟାପଟେନ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



## ଆହତ ମାଙ୍କଡ଼ ଉଦ୍ଧାର



ନୀଳଗିରି, ୨୧।୫(ସମିସ): ନୀଳଗିରି ଅଞ୍ଚଳର ଅଗ୍ରଣୀ ସ୍ୱଚ୍ଛାସେବୀ ସଙ୍ଗଠନ ମହାବୀର ଫାଉଣ୍ଡେସନ ପକ୍ଷରୁ ଏକ ଆହତ ମାଙ୍କଡକୁ ଉଦ୍ଧାର କରାଯାଇ ଚିକିତ୍ସା ପରେ ବନବିଭାଗକୁ ହସ୍ତାନ୍ତର କରାଯାଇଛି । ସୂଚନା ମୁତାବକ ନୀଳଗିରି ବ୍ଲକ ଗରଡିହି ପଞ୍ଚାୟତ ଆମ୍ବଝର ଗ୍ରାମରେ ଏକ ମାଙ୍କଡ କୌଣସି କାରଣରୁ ଗୁରୁତର ଆହତ ହୋଇଥିଲା । ମାଙ୍କଡଟିର ମୁହଁ ଆଘାତରେ କ୍ଷତ ବିକ୍ଷତ ହୋଇ ପୁଜ ବାହାରୁଥିବାର ଦେଖିବାକୁ ମିଳିଥିଲା । ଖବରପାଇ ମହାବୀର ଫାଉଣ୍ଡେସନର ମୁଖ୍ୟ ବିଦ୍ୟାଧର ବାରିକ ନିଜର ସାଥୀ ମାନଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ମାଙ୍କଡଟିକୁ ଉଦ୍ଧାର କରିଥିଲେ । ପରେ ନୀଳଗିରି ପଶୁଚିକିତ୍ସାଳୟରେ ଆଶୁ ଚିକିତ୍ସା କରି କୁଲଡିହା ବନବିଭାଗକୁ ହସ୍ତାନ୍ତର କରିଥିଲେ । ନିର୍ବାକ ଜୀବ ଓ ଅସହାୟ ଲୋକଙ୍କ ସେବାରେ ସର୍ବଦା ମହାବୀର ଫାଉଣ୍ଡେସନ କାର୍ଯ୍ୟକରୁଛି କରିବ ଓ କରିଚାଲୁଥିବ ବୋଲି ଶ୍ରୀ ବାରିକ କହିଛନ୍ତି । ତାଙ୍କର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ବେଶ ପ୍ରଶଂସା କରିଛନ୍ତି ।

## ସୁକାନ୍ତଙ୍କ ମାରାଥନ ପ୍ରଚାର ଓ ନିର୍ବାଚନୀ ସଭା

ନୀଳଗିରି, ୨୧।୫(ସମିସ): ନୀଳଗିରି ବିଧାନସଭା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ଇଂ. ସୁକାନ୍ତ କୁମାର ନାୟକଙ୍କ ମାରାଥନ ପ୍ରଚାର ସକାଳ ୧୦ ଘଟିକାରେ ବାଉଁଶବଣିଆ ପଞ୍ଚାୟତରୁ ଆରମ୍ଭ ହୋଇ ଥିବା ବେଳେ ପାଟପୁର, ହାଟସାହି, ଟଣଙ୍କକ୍ଷ ଗୁହାଳିଆ, ମାନଗଡ଼ ଗ୍ରାମ ରେ ଶତାଧିକ ଯୁବକ ବାଇକ ଯୋଗେ ଗ୍ରାମ ଗ୍ରାମରେ ପ୍ରଚାର କରିବା ସହିତ ଘରେ ଘରେ ବୁଲି ନବୀନଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ବୁଝାଉବା ସହିତ ଯୋଡି ଶଙ୍ଖ ରେ ମତଦାନ କରିବା ପାଇଁ ଅନୁରୋଧ କରିଥିଲେ । ଅପରାହ୍ନରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ର କଇମଡିହରେ ଶତାଧିକ ଆଦିବାସୀ ପୁରୁଷ ମହିଳାଙ୍କ ସମାବେଶରେ ସାମିଲ ହୋଇଥିଲେ ।



ସନ୍ଧ୍ୟାରେ କାଣ୍ଡଗରଡ଼ି ପଞ୍ଚାୟତ ର କାନପୁର ଛକରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ରାତ୍ରି ୭ ଘଟିକା ଠାରୁ ଈଶ୍ୱରପୁର ପଞ୍ଚାୟତ ର ତରତୁଆ ଗ୍ରାମ ରେ ସଭା ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଆଇନଜୀବୀ ତଥା ବରିଷ୍ଠ ବିଜେଡି ନେତା ଅମରେନ୍ଦ୍ର ପଟ୍ଟନାୟକ, କମଳା କାନ୍ତ ବାରିକ, ଦୀପକ ରଞ୍ଜନ ଦାସ, କପିଳ ସାମଲ, ଶଶୀଧର ବେହେରା, ବିଜୟ କୁମାର ପ୍ରଧାନ, ଭାଗବତ ଖିଲାର, ସୃଷ୍ଟିଧର ମହାନ୍ତି, ଭାନୁ ପଟ୍ଟନାୟକ, କକ୍ଷ୍ମୀଧର ବାରିକ ଙ୍କ ସହିତ ଶତାଧିକ ନେତୃ ମଣ୍ଡଳୀ ଓ ଭୋଟର ଉପସ୍ଥିତ ଥିଲେ ।

## ବିଜେପିର ମହିଳା ସମାବେଶ



ନୀଳଗିରି, ୨୧।୫ (ସମିସ): ନୀଳଗିରି ଭାଜପା ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ନିର୍ବାଚନୀ ପ୍ରଚାର ପାଇଁ ଆସିଥିଲେ ଷ୍ଟାର ପ୍ରଚାରକ ଓଲିଉଡ଼ ହିରୋ ତଥା କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି । ନୀଳଗିରି ଥାନା ପଡ଼ିଆ ମିନି ଷ୍ଟାଡିୟମଠାରେ ହେଲିକପ୍ଟର ରେ ଆସି ଅପରାହ୍ନ ୧.୩୦ ମିନିଟ ରେ ଅବତରଣ ପରେ କେଶି ହାଇସ୍କୁଲ ପଡ଼ିଆରେ ଏକ ମହିଳା ସମାବେଶରେ ଯୋଗ ଦେଇ ସମବେତ ମହିଳାଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟ ମଞ୍ଚାସୀନ ନେତୃ ମଣ୍ଡଳୀ ମାନଙ୍କ ମଧ୍ୟରେ ପାର୍ଟିର ରାଜ୍ୟ ବରିଷ୍ଠ ନେତା ପିତାମ୍ବର ଆଚାର୍ଯ୍ୟ, ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବ୍ଲକ ସଭାପତି କୃତିବାସ ବେହେରା, ବରିଷ୍ଠ ବିଜେପି ନେତା ଶିଶିର ରାଉତ, ସମରଶଙ୍କର କାନୁନଗୋ, ନାରୀନେତ୍ରୀ ରେଣୁ ବିଶ୍ୱାଳ, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଭାପତି ବଳରାମ ବିଶ୍ୱାଳ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ଯୋଗେନ୍ଦ୍ର ରାଉତ, ରବୀନ୍ଦ୍ର ନାୟକ, ମନୋରଞ୍ଜନ ମହାନ୍ତି, ନିର୍ବାଚିତ ସମସ୍ତ ଜନ ପ୍ରତିନିଧି ପ୍ରମୁଖ ମଞ୍ଚାସୀନ ଥିଲେ ।

# ନଳକୂପ ଅଚଳ, ପାଣି ପାଇଁ ପଥଚାରୀ ହନ୍ତସନ୍ତ

ବାଲେଶ୍ୱର, ୨୧।୫(ସମିସ):



ଗ୍ରୀଷ୍ମ ପ୍ରବାହ ଅତି ମାତ୍ରାରେ ହେଉଥିବା ବେଳେ ବାଲେଶ୍ୱର ସହରର ବିଭିନ୍ନ ଛକ ମାନଙ୍କରେ ଅସ୍ଥାୟୀ ଜଳଛତ୍ରର ବ୍ୟବସ୍ଥା କରାଯାଇଛି । ମାତ୍ର ଅନେକ ଛକ ମାନଙ୍କରେ ସ୍ଥାୟୀ ପାନୀୟ ଜଳର ବ୍ୟବସ୍ଥା ଥାଇ ମଧ୍ୟ ଅକାମି ହୋଇ ପଡ଼ି ରହିଛି ନଳକୂପ । ଏଡିଏମ ଛକ ନିକଟରେ ଥିବା ଅତିରିକ୍ତ ଯୁଗ୍ମ କମିଶନରଙ୍କ ଅଦାଲତ ଚକବନ୍ଦୀ ଓ ବନ୍ଦୋବସ୍ତ କାର୍ଯ୍ୟାଳୟ ସମ୍ମୁଖରେ ନଳକୂପ ଦୀର୍ଘ ୩/୪ ବର୍ଷ ଧରି ଖରାପ ହୋଇପଡ଼ିଛି । ଗ୍ରୀଷ୍ମ ତାତି ଅସହ୍ୟ କାରଣରୁ ଲୋକମାନେ ପାଣି ପାଇଁ ହନ୍ତସନ୍ତ ହେଉଥିଲେ ମଧ୍ୟ କାହାର ଏହି ଅଚଳ ନଳକୂପ ପ୍ରତି ଧ୍ୟାନ ଯାଉନାହିଁ । ଦୈନିକ ଏଡିଏମ ଛକ ଦେଇ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି । ଏହି ସ୍ଥାନ ସର୍ବଦା ଜନଗହଳି ପୂର୍ଣ୍ଣ ରହୁଥିବାବେଳେ ଏଠାକାର ପାନୀୟ ଜଳ ପରିସ୍ଥିତି ଶୋଚନୀୟ ହୋଇପଡ଼ିଛି । ମୁଖ୍ୟତଃ ଏହି ରାସ୍ତା ଦେଇ ପ୍ରତି ଦିନ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ, ଆଜିମା ବାଦ, ଷ୍ଟେସନ ଛକ ଓ କଚେରୀ ରୋଡକୁ ହଜାର ହଜାର ଲୋକ ଯାତାୟାତ କରୁଥିଲେ ମଧ୍ୟ ପାନୀୟ ଜଳର ସୁବିଧା ନାହିଁ । ଏଡିଏମ ଛକ ନିକଟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୌରପାରିଷଦ ପକ୍ଷରୁ ଅସ୍ଥାୟୀ ଜଳଛତ୍ର ଖୋଲା ଯାଇଥିଲେ ମଧ୍ୟ ଅନ୍ୟ ଦିନେ ଗୁଡିକ ପାଇଁ ଏଠାରେ କୌଣସି ସ୍ଥାୟୀ ପାନୀୟଜଳର ବ୍ୟବସ୍ଥା କରାଯାଇ ନାହିଁ । ଏଡିଏମ ଛକ ରାସ୍ତା କଡ଼ରେ ଦୈନିକ ପରିବା ବିକ୍ରି କରୁଥିବା ପ୍ରିୟତମ ମହାନ୍ତି କୁହନ୍ତି କି ସେ ସେଠାରେ ଦୀର୍ଘ ୩ ବର୍ଷ ଧରି ପରିବା ବିକ୍ରି କରୁଛନ୍ତି । ୩ ବର୍ଷ ହେଲା ସେହି ନଳକୂପ ଖରାପ ଥିବାର ଦେଖିଆସୁଛନ୍ତି । ଏପଟେ ମ୍ୟୁନିସିପାଲିଟି ପକ୍ଷରୁ ପାଣି ପାଇପର ବ୍ୟବସ୍ଥା ଥିଲେ ମଧ୍ୟ ପ୍ରିୟତମଙ୍କ କହିବା ଅନୁଯାୟୀ ସେଠାରେ ନିୟମିତ ଠିକ ସମୟ ରେ ପାଣି ଆସୁନାହିଁ । ଏହି ବିଷୟରେ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ ।

# ମା’ମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଶକ୍ତି













## କେନ୍ଦୁଝର ସଂସଦୀୟ କ୍ଷେତ୍ରର ୫ଟି ସ୍ଥାନରେ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ମାରାଥନ ପ୍ରଚାର

କେନ୍ଦୁଝର/ବଡ଼ବିଲ/ଚମ୍ପୁଆ/ପାଟଣା/ଝୁମୁଙ୍ଗା/ତେଲକୋଇ/ଆନନ୍ଦପୁର/ରାମଚନ୍ଦ୍ରପୁର,୨୧।୫(ସମିସ)

କେନ୍ଦୁଝର ଜିଲ୍ଲାରେ ବିଜେଡି ପାଇଁ ପ୍ରଚାର ଜୋରଦାର କରିଛନ୍ତି ବରିଷ୍ଠ ନେତା ତଥା ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍। ଆଜି କେନ୍ଦୁଝର ସଂସଦୀୟ କ୍ଷେତ୍ରର ୫ଟି ସ୍ଥାନରେ ଜନସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଜୋରଦାର କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ବିଜୟୀ କରିବାକୁ ଲୋକଙ୍କୁ ଆଶୀର୍ବାଦ ମାଗିଥିଲେ। ପ୍ରଥମେ ଶ୍ରୀ ପାଣ୍ଡିଆନ୍ ସକାଳ ୧୧.୫୦ ମିନିଟ୍ ସମୟରେ ବଡ଼ବିଲ ଟଣ୍ଟସ୍ଥିତ ବିମାନ ଅବତରଣ କେନ୍ଦ୍ରରେ ଓହ୍ଲାଇବା ପରେ ସେଠାରୁ ହେଲିକପ୍ଟର ଯୋଗେ ଚମ୍ପୁଆ ସଭା ଅଭିମୁଖେ ଗସ୍ତ କରିଥିଲେ। ଚମ୍ପୁଆ ପରେ ଠାକୁରମୁଣ୍ଡା, ସାହାରପଡ଼ା, ତେଲକୋଇ ଓ ସାଇଁକୁଳଠାରେ ଅନୁଷ୍ଠିତ ଜନସଭାରେ ଯୋଗଦେଇ ସେ ବିଜେଡି ସରକାରଙ୍କ ଜନହିତକର ଯୋଜନା ସଂପର୍କରେ ସୂଚନା ଦେବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ।

ଚମ୍ପୁଆ ରାମଲାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼ ଓ ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଧୁଙ୍କୁ ବିପୁଳ ପରିମାଣରେ ଭୋଟଦେଇ ବିଜୟ କରିବା ସହିତ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମା’ମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଶକ୍ତି ବୋଲି କହିଥିଲେ। ଆଦିବାସୀ ସଂସ୍କୃତି, ଶିକ୍ଷା ଓ ଜୀବନଶୈଳୀ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ବିରୋଧି ଦଳର ନେତା ମାନେ ଓଡିଶା ବିକାଶରେ ବାଧା ଉପୁଯାଉଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ହେଲିପ୍ୟାଡରୁ ଷ୍ଟେଜ ପର୍ଯ୍ୟନ୍ତ ଚାଲିଚାଲି ଯାଇ ଲୋକଙ୍କ ସହ ମିଶିବା ସହିତ ସଭାସ୍ଥଳରେ ଲୋକଗହଣରେ ସେଲ୍‌ଫି ନେଇଥିଲେ। ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଧୁ, ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ, ଜିଲ୍ଲା ସଭାପତି କୁଶ ଆପଟ, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ମହିଳା ସଭାପତି ରମଣୀ ନାୟକ, ଯୋଡ଼ା ମ୍ୟୁନିସିପାଲଟି ଅଧ୍ୟକ୍ଷ ଜଗଦିଶ ସାହୁ, ବଡବିଲ ମ୍ୟୁନିସିପାଲଟି ଅଧ୍ୟକ୍ଷ ଲାଲଟୁ ମହାନ୍ତ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଚମ୍ପୁଆ ସଭା ପରେ କରଞ୍ଜିଆ ନିର୍ବାଚନମଣ୍ଡଳୀ ଠାକୁରମୁଣ୍ଡାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମ ଓ ସାଂସଦ ପ୍ରାର୍ଥୀ ସିଧୁଙ୍କ ପାଇଁ ପ୍ରଚାର କରିଥିଲେ। ପରେ ପାଟଣା ନିର୍ବାଚନ ମଣ୍ଡଳୀର ସାହାରପଡାରେ ଅନୁଷ୍ଠିତ ଜନସଭାରେ ଯୋଗଦେଇ ସାଂସଦ ପ୍ରାର୍ଥୀ ସିଧୁ ଓ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କ ପାଇଁ ପ୍ରଚାର କରିଥିଲେ। ଅପରାହ୍ନରେ ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ସାହାରପଡା ହାଇସ୍କୁଲ ପଡିଆରେ ଅବତରଣ କରିବା ପରେ ଲୋକଙ୍କ ସହ ହାତ ମିଳାଇଥିଲେ। ପରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଉପରେ ଆଲୋଚନା କରିବା ସହ ଆଶୀର୍ବାଦ ଲୋଡ଼ିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଡା. ହରିଶ ଚୌଧୁରୀ, ସଂଯୋଜକ କାନନବିହାରୀ ପହି, ସାହାରପଡା ବ୍ଲକ ସଭାପତି ଦିଲ୍ଲୀପ ସାହୁ, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଉପାଧ୍ୟକ୍ଷା ଛବିରାଣୀ ସେଠୀ, ସୌମ୍ୟରଞ୍ଜନ ରାଉତ, ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ରୁନୁ ମହାନ୍ତ, ଚମ୍ପାବତୀ ଟୁଡୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌରହରି ନାଏକ, ବିଶ୍ୱନାଥ ନାଏକ, ସତ୍ୟବ୍ରତ ନାଏକ, ଭବାନୀ ଶଙ୍କର ନାଏକ, ସାହାରପଡା ବ୍ଲକ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ଭଞ୍ଜ, ଉତ୍ତର ଓଡ଼ିଶା ଯୁବ ବିଜେଡି ସାଧାରଣ ସମ୍ପାଦକ ଦୀପକ ମଣ୍ଡଳ, ପାଟଣା ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଂଯୋଜକ ବିପ୍ଳବ କୁମାର ପୃଷ୍ଟି, ସାହାରପଡା ବ୍ଲକ ଯୁବ ସଭାପତି ସତ୍ୟନାରାୟଣ ପଣ୍ଡା, ପାଟଣା ବ୍ଲକ ଯୁବ ସଭାପତି ରଘୁବର ମହାନ୍ତ, ଛାତ୍ର ସଭାପତି ଭବାନୀ ଶଙ୍କର ମହାନ୍ତ, ପରମେଶ୍ୱର ପଲେଇ ପ୍ରମୁଖ ପ୍ରମୁଖ ଯୋଗଦେଇଥିଲେ।

ପରେ ଷ୍ଟାର ପ୍ରଚାର ଶ୍ରୀ ପାଣ୍ଡିଆନ ତେଲକୋଇ ନିର୍ବାଚନ ମଣ୍ଡଳୀର ତେଲକୋଇ ବ୍ଲକରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଧୁ ଓ ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାରଙ୍କ ପାଇଁ ପ୍ରଚାର କରିଥିଲେ। ସେ ପ୍ରଥମେ ଚାରିଗଡ ମହାବିଦ୍ୟାଳୟ ମିନି ଷ୍ଟାଡିୟମରେ ଅବତରଣ କରିବା ପରେ ସେଠାରେ ଲୋକଙ୍କୁ ଭେଟି ମଧୁସୂଦନପୁରରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ଭେଟି କରମର୍ଦ୍ଦନ କରିବା ସହିତ ଲୋକଙ୍କ ଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେଠାରେ ଦଳୀୟ ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ପାଇକରାଏ, ଘସିପୁରା ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର, ଜିଲ୍ଲା ପରିଷଦ ସଭାପତି ସାଗରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ତେଲକୋଇ ନିର୍ବାଚନ ମଣ୍ଡଳୀର ତେଲକୋଇ, ବାଂଶପାଳ, ହରିଚନ୍ଦନପୁର ବ୍ଲକର ବହୁ ଜନସାଧାରଣ ଯୋଗଦେଇଥିଲେ।

ସେଠାରୁ ଯାଇ ଅପରାହ୍ନ ୫.୨୫ ମିନିଟ୍‌ରେ ଘସିପୁରା ନିର୍ବାଚନ ମଣ୍ଡଳୀ ସାଇଁକୁଳ କଲେଜ ପଡିଆରେ ଆୟୋଜିତ ସଭାରେ ଯୋଗଦେଇଥିଲେ ବରିଷ୍ଠ ନେତା ତଥା ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍। ସଭାସ୍ଥଳରେ ଉପସ୍ଥିତ ଜନସମୁଦ୍ରକୁ ଉଦ୍‌ବୋଧନ ଦେବା ସହ ସାଂସଦ ପ୍ରାର୍ଥୀ ଶ୍ରୀ ସିଧୁ ଓ ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ରଙ୍କୁ ବିଜୟୀ କରିବାକୁ ଲୋକଙ୍କ ଆଶୀର୍ବାଦ ଲୋଡିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦେବପ୍ରିୟ ପାତ୍ର, ଅକ୍ଷୟ କୁମାର ସାହୁ, ବିଭାସଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ, ବିଶ୍ୱରଞ୍ଜନ ବେହେରା, ସୁଶାନ୍ତ ବିଶ୍ୱାଳ, ଅଭିମନ୍ୟୁ ନାଥ, ପଞ୍ଚାନନ ବେହେରା, ଯୁବ ବିଜେଡି ସଭାପତି ଦେବଦତ୍ତ ନାୟକ, ନିରଞ୍ଜନ ସାହୁ, ବଳରାମ ବେହେରା, ନନ୍ଦକିଶୋର ବେହେରା, ଗୋପୀନାଥ ସ୍ୱାଇଁ, ସନ୍ତୋଷ କୁମାର ଧୀର, ଗଗନ ଭୂୟାଁ, ଦେବେନ୍ଦ୍ର ଦାଶ, ପ୍ରେମାନନ୍ଦ ପାଣିଗ୍ରାହୀ, ପର୍ଶୁରାମ ମହାରଣା, ବିଜୟ ଦାସ, ପ୍ରଶନ ପାତ୍ର, ପ୍ରଶାନ୍ତ ରାଉତ, ବ୍ରହ୍ମେଶ୍ୱର ସାହୁ ପ୍ରମୁଖ ପରିଚାଳନା କରିଥିଲେ।











